

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 JULY 2023

Vol.No. 35 ■ No. 178 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରବେଶ ଶୁଳ୍କ ପରିସ୍ରା କରିଥିବା ଆଦିବାସୀଙ୍କ ପାଦ ଧୋଇଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୬/୦୭ : ଯେଉଁ ଆଦିବାସୀ ଶ୍ରମିକଙ୍କ ଉପରେ ପ୍ରବେଶ ଶୁଳ୍କ ପରିସ୍ରା କରିଥିଲା, ଆଜି ତାଙ୍କୁ ଘରକୁ ଡାକି କ୍ଷମା ମାଗିଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ। ଆଗକୁ ନିର୍ବାଚନ ଥିବା ବେଳେ ଉକ୍ତ ଘଟଣାକୁ ନେଇ ବେଶ ବିବାଦ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ଶ୍ରମିକ ଦଶମତ ରାଓ୍ୱତଙ୍କୁ ଶ୍ରୀ ଚୌହାନ ନିଜ ସରକାରୀ ବାସଭବନକୁ ଡାକିଥିଲେ। କ୍ୟାମେରା ସାମ୍ନାରେ ତାଙ୍କୁ ଚେୟାରରେ ବସାଇ ତାଙ୍କ ପାଦ ଧୋଇଥିଲେ। ଏହାକୁ ମୁଣ୍ଡରେ ମଧ୍ୟ ମାରିଥିଲେ। ତାଙ୍କୁ ସେ ଟିକା ଲଗାଇ ଦେବା ସହ ଧଳା ସାଲ୍ ଦେଇଥିଲେ। ▶▶ପୃଷ୍ଠା ୭

## ବନ୍ଦେ ଭାରତରେ ଯିବାକୁ ଲୋକେ ଅମଙ୍ଗ: କମିବ ଟିକେଟର ଦାମ !

ନୂଆଦିଲ୍ଲୀ,୬/୦୭ : ନୂଆଦିଲ୍ଲୀ: ମିଳିଥିବା ସୂଚନା ଅନୁସାରେ, ପ୍ରାଥମିକ ଭାବେ ଇନ୍ଦୋର-ଭୋପାଲ, ଭୋପାଲ-ଜବଲପୁର ଓ ନାଗପୁର-ବିଲାସପୁର ମଧ୍ୟରେ ଯାତ୍ରା କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସର ଭଡ଼ା ହ୍ରାସ କରିବ ରେଳବାଇ। ଭାରତୀୟ ରେଳବାଇ ଗୋଟିଏ ପରେ ଗୋଟିଏ ସେମି ହାଇ ସ୍ପିଡ ବନ୍ଦେ ଭାରତ ଏକ୍ସପ୍ରେସ ସେବା ଆରମ୍ଭ କରୁଥିଲେ ହେଁ ଏଥିରେ ଯିବାକୁ ଲୋକମାନେ ପଛଘୁଞ୍ଚା ଦେଉଛନ୍ତି। ଏହି ଟ୍ରେନଗୁଡ଼ିକର ଟିକେଟ ଦାମ ଅଧିକ ରହିଥିବାରୁ ଲୋକମାନେ ଅନ୍ୟ ଟ୍ରେନ୍‌ରେ ଯିବାକୁ ବେଶୀ ପସନ୍ଦ କରୁଛନ୍ତି। ଅଧିକାଂଶ ବନ୍ଦେ ଭାରତ ଏକ୍ସପ୍ରେସର ସିଟ୍ ଏଥିପାଇଁ ଫାଙ୍କା ରହୁଛି। ▶▶ପୃଷ୍ଠା ୭

## ଆସନ୍ତା ନିର୍ବାଚନରେ ରାଜସ୍ଥାନରେ କିଏ ହେବ ମୁଖ୍ୟମନ୍ତ୍ରୀ ଚେହେରା ?

### ବିତର୍କ ଉପରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

ନୂଆଦିଲ୍ଲୀ,୬/୦୭ : ରାଜସ୍ଥାନରେ କିଏ ନେବ କଂଗ୍ରେସର ନେତୃତ୍ୱ ? କିଏ ହେବ ମୁଖ୍ୟମନ୍ତ୍ରୀ ଚେହେରା ? ଏହା ଉପରେ ପଡ଼ିଲା ପୂର୍ଣ୍ଣଚ୍ଛେଦ। ଏଠାରେ କେହି ବି ହେବେନି ମୁଖ୍ୟମନ୍ତ୍ରୀ ଚେହେରା। ରାଜସ୍ଥାନରେ ହେବାକୁ ଥିବା ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଦିଲ୍ଲୀ କଂଗ୍ରସ ଏଆଇସିସି ମୁଖ୍ୟାଳୟରେ ଆଜି ବସିଥିବା ବୈଠକରେ ଏଥିସହ ୪ ବଡ଼ ନିଷ୍ପତ୍ତି ହୋଇଛି। ରାଜସ୍ଥାନ କଂଗ୍ରେସ ଭିତରେ ଚାଲିଥିବା ଅନ୍ତଃକନ୍ଦଳକୁ ଦେଖି ତଥା ଏହାର ସମାଧନ କରିବା ପାଇଁ ଆଗାମୀ ବିଧାନସଭା ନିର୍ବାଚନରେ ସ୍ୱତନ୍ତ୍ର ରଣନୀତି କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଅନ୍ତଃକନ୍ଦଳରେ ଲଗାମ ଲାଗିପାରିବ ବୋଲି ଅଶା କରାଯାଇଛି। ଏହି ବୈଠକ ନେଇ ଦଳୀୟ ନେତା କେସି ବିଷ୍ଣୁଗୋପାଲ କହିଛନ୍ତି ଯେ, କେଉଁ ନେତା କେଉଁଠାରୁ ଲଢ଼ିବେ ସେନେଇ ଡିସେମ୍ବର ପ୍ରଥମ ସପ୍ତାହରେ ଘୋଷଣା ହେବ। ସମସ୍ତ ନେତା ଘରଘର ବୁଲି ରାଜ୍ୟ ସରକାରଙ୍କ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେଥିନିମନ୍ତେ କାମ କରିବେ। ଏହି ଅଭିଯାନ ଆସନ୍ତାକାଲି ଠାରୁ ଆରମ୍ଭ ହେବ। ସେପଟେ ଦଳରେ ଏକତା ରହିଲେ ରାଜସ୍ଥାନରେ କଂଗ୍ରେସ ନିର୍ବାଚନ ଜିତିପାରିବ ବୋଲି ବୈଠକରେ ନେତାମାନେ ମତ ପ୍ରକାଶ କରିଛନ୍ତି। ଯାହା ପରେ ସମସ୍ତେ ମିଶି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଯେଉଁ ନେତାଙ୍କର ଜିତିବା ଅଶା ସବୁଠାରୁ ଅଧିକ ଥିବ ତାହାକୁ ଆସନ୍ତା ନିର୍ବାଚନ ଲଢ଼ିବାକୁ କଂଗ୍ରେସ ଟିକେଟ୍ ଦେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକ ପରେ ସଚିନ୍ ପାଇଲଟ୍ କହିଛନ୍ତି, ବୈଠକରେ ଦଳୀୟ ରଣନୀତି ନେଇ ବ୍ୟାପକ ଆଲୋଚନା ହୋଇଛି। ▶▶ପୃଷ୍ଠା ୭

## ୬ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ରାଜ୍ୟରେ ମୌସୁମୀ ପ୍ରବାହ ସ୍ୱାଭାବିକ ରହିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ଅତି ପ୍ରବଳ ବର୍ଷା ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା ସମ୍ବଲପୁର ଓ ସୁନ୍ଦରଗଡ। ସେହିପରି ପ୍ରବଳ ବର୍ଷା ପାଇଁ ଅନ୍ୟ ୧୩ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲା ଗୁଡିକ ହେଲା ଦେବଗଡ, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ସୋନପୁର, ▶▶ପୃଷ୍ଠା ୭

## ପୁଲିସ ଘରୁ ଲୁଟିନେଲେ ୮ଲକ୍ଷ ଟଙ୍କାର ସମ୍ପତ୍ତି

କାମାକ୍ଷାନଗର, ୦୬/୦୭ (ନି.ପ୍ର): କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସଂଜୀବ କୁମାର ଶର୍ମା ଜିରିଡାମାଳି ଶାନ୍ତିନଗରରେ ଘର ଭଡା ନେଇ ରହୁଥିଲେ। ତାଙ୍କ ଝିଅ କୋଲକାତାରେ ପଢୁଥିବାରୁ ତାଙ୍କୁ ଆଣିବା ପାଇଁ ଗତ ୩ ତାରିଖରେ ପରିବାର ଲୋକେ ଯାଇଥିଲେ। କାହାକୁ ଛାଡ଼ିଲେ ନାହିଁ। ଶେଷରେ ପୁଲିସ୍ ବାବୁଙ୍କ ଘରେ କଳାକନା ବୁଲାଇଦେଲେ ଲୁଟେରା। ୮ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟିନେଲେ। ଏପରି ଅଭିଯୋଗ ଢେଙ୍କାନାଳରୁ ଆସିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସଂଜୀବ କୁମାର ଶର୍ମା ଜିରିଡାମାଳି ଶାନ୍ତିନଗରରେ ଘର ଭଡା ନେଇ ରହୁଥିଲେ।

▶▶ପୃଷ୍ଠା ୭

## ପ୍ରକାଶ ପାଇଲା ଯୁକ୍ତ ୨ କଟ ଅଫ୍ ମାର୍କ ତାଲିକା

### ବିଜ୍ଞାନ , ବାଣିଜ୍ୟ ଓ କଳାରେ ଆଗରେ ରେଭେନ୍ସା

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ଚଳିତ ବର୍ଷ ଯୁକ୍ତ ଦୁଇରେ ନାମ ଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟଅଫ୍ ମାର୍କ ଗୁରୁବାର ପ୍ରକାଶ ପାଇଛି। ଏଥର ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଗରେ ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ମେରିଟ୍ ଲିଷ୍ଟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ କଟଅଫ୍ ରେ ୪ ଲକ୍ଷ ୧୨ ହଜାର ୩୬୮ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସୂଚନା ଅନୁଯାୟୀ ରେଭେନ୍ସା ବିଶ୍ୱ ବିଦ୍ୟାଳୟରେ କଳାରେ ସର୍ବାଧିକ ୮୦ ପ୍ରତିଶତ କଟ୍‌ଅଫ ମାର୍କ ରହିଛି। ସେହିପରି ରାଉରକେଲା ସରକାରୀ କଲେଜରେ କଟଅଫ୍ ମାର୍କ ୭୯ ପ୍ରତିଶତ ଥିବା ବେଳେ ତୃତୀୟ ▶▶ପୃଷ୍ଠା ୭



## ବାଲେଶ୍ୱର ଜିଲ୍ଲା ପାଇଁ ଏମପି ଲ୍ୟାଡ଼ରୁ ୧.୫୫ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ରେଳମନ୍ତ୍ରୀ

ଭୁବନେଶ୍ୱର, ୦୬/୦୭ (ନି.ପ୍ର):କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏମପି ଲ୍ୟାଡ଼ ଯୋଜନା ପାଣ୍ଠିରୁ ୧ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସ୍ଥାନୀୟ ଅଂଚଳର ଉନ୍ନତି ପାଇଁ ରେଳମନ୍ତ୍ରୀ ଏକ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ବାହାନାଗା ଏବଂ ନିକଟବର୍ତୀ ଗ୍ରାମଗୁଡ଼ିକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ୧ କୋଟି ଯେଉଁଥିରେ କମ୍ୟୁନିଟି ସେଂଟର ଏବଂ ହଲ୍ ସହିତ ଶୌଚାଳୟ ଏବଂ ଥଣ୍ଡା ପାନୀୟ ଜଳ ଯୋଗାଇବା, ବାସୁଳି ହାଇସ୍କୁଲ ନିକଟରେ ଶିଶୁ ପାର୍କ ଏବଂ ଜିମ୍ ନିର୍ମାଣ, ଜାତୀୟ ରାଜପଥ-୧୬ ରୁ ୯୫ ନମ୍ବର ଲେବଲ କ୍ରସିଂ ପର୍ଯ୍ୟନ୍ତ ସଂଯୋଗକରି ରାସ୍ତାର ସମ୍ପ୍ରସାରଣ ଓ ମଜବୁତ କରିବା ସାଥି ଠାରେ ସରତିରା ଗ୍ରାମ ରାସ୍ତାର ମରାମତି, ପ୍ରାଣବନ୍ଧୁ ବିଦ୍ୟାପୀଠ ଖେଳ ପଡିଆର ଉନ୍ନତି ଏବଂ ୪୨ ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଇତ୍ୟାଦିର ପ୍ରତିଶ୍ରୁତି ପୂରଣ କରିବା ପାଇଁ ସେ ଏକ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ପାଇଁ ଉନ୍ନତ ଜୀବନ ସହାୟତା ଆମ୍ବୁଲାନ୍ସ କ୍ରୟ ପାଇଁ ୩୫ ଲକ୍ଷ ଏବଂ ବାଲେଶ୍ୱର ଲାୟନ୍ସ ଚକ୍ଷୁ ହସ୍ପିଟାଲରେ ଗୋଟିଏ ମଡ୍ୟୁଲାର୍ ଅପରେସନ୍ ଥିଏଟର ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ରେଳ ମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପଦକ୍ଷେପ ଏବଂ ▶▶ପୃଷ୍ଠା ୭



## ନକଲି ଔଷଧ ବିକ୍ରି : ୨ ଦୋକାନ ସିଲ୍

ଅନୁଗୋଳ, ୦୬/୦୭ (ନି.ପ୍ର): ନକଲି ଔଷଧ ବିକ୍ରି ଅଭିଯୋଗରେ ଅନୁଗୋଳ ସହରରେ ଦୁଇଟି ଔଷଧ ଦୋକାନକୁ ସିଲ୍ କରି ଦିଆଯାଇଛି। ନକଲି ଔଷଧ ବିକ୍ରି ଅଭିଯୋଗରେ ଅନୁଗୋଳ ସହରରେ ଦୁଇଟି ଔଷଧ ଦୋକାନକୁ ସିଲ୍ କରି ଦିଆଯାଇଛି। ମା ବୁଢ଼ୀ ମେଡିସିନ ଷ୍ଟୋର ଓ ଗଣପତି ଏଣ୍ଟରପ୍ରାଇଜେସର ଦୋକାନକୁ ସିଲ୍ କରିଛି ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍। ଏହି ଦୁଇଟି ଔଷଧ ଦୋକାନରେ ନକଲି **Pantocid DSR** ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏହା ପରେ ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ଯାକ ଔଷଧ ଦୋକାନକୁ ସିଲ୍ କରି ଦିଆଯାଇଛି।

## ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ହେବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ଆସନ୍ତାମାସ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଅବସର ନେବା ପରେ ଜଷ୍ଟିସ୍ ତାଳପତ୍ର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେବେ। ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ହେବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି । ଜଷ୍ଟିସ୍ ତାଳପତ୍ରଙ୍କ ନାଁ ସୁପାରିସ୍ କଲେ ସୁପ୍ରିମକୋର୍ଟ କଲେଜିୟମ। ଆସନ୍ତାମାସ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଅବସର ନେବା ପରେ ଜଷ୍ଟିସ୍ ତାଳପତ୍ର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେବେ। ତ୍ରିପୁରା ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ୨୦୨୨ ମସିହାରେ ସୁପାରିସ କରାଯାଇଥିଲା। ଏହାପରେ ସେ ଜୁନ ୧୦ ତାରିଖରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ସେ ଶପଥ ନେଇଥିଲେ। ସେବେଠୁ ସେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାମ କରୁଥିବା ବେଳେ ଆସନ୍ତା ମାସ ମୁଖ୍ୟ ବିଚାରପତି ଭାବେ ଶପଥ ନେବେ। ଜଷ୍ଟିସ ଶୁଭାଶିଷ ତାଳପତ୍ର ୧୯୬୧, ଅକ୍ଟୋବର ୪ରେ ତ୍ରିପୁରାର ଉଦୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ▶▶ପୃଷ୍ଠା ୭

## ମୃତାହ କର୍ମରେ ଖାଇ ୭ ଶିଶୁଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅସୁସ୍ଥ

ବାଲେଶ୍ୱର, ୦୬/୦୭ (ନି.ପ୍ର): ସଦର ବ୍ଲକ ଅର୍ନ୍ତଗତ ବୁଆଁଳ ପଞ୍ଚାୟତ ନୂଆପୁର ସିନ୍ଧିଆ ଗ୍ରାମରେ ମୃତାହକର୍ମରେ ବିଷାକ୍ତ ଖାଦ୍ୟଖାଇ ଅସୁସ୍ଥ ୭ ଶିଶୁଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ରବୀନ୍ଦ୍ର ପ୍ରଧାନ (୫୨), ଅନ୍ନପୂର୍ଣ୍ଣା ପ୍ରଧାନ(୫୦), ବଳିଆ ପ୍ରଧାନ (୩୫), ରଶ୍ମୀ ହାଲଦାର (୧୯), ଚନ୍ଦନେଶ୍ୱର ପ୍ରଧାନ (୩୦), ବାପୁ ପ୍ରଧାନ (୭୮), ଦୟାଲ ପ୍ରଧାନ(୧୨), ରିଙ୍କି ପ୍ରଧାନ(୧୭), ମହେଶ ପ୍ରଧାନ (୭), ପୂଜା ପ୍ରଧାନ(୨୬), ଆଶାମଣୀ ପ୍ରଧାନ (୪୫), ରାଜେଶ ପ୍ରଧାନ (୨୧), ସର୍ବେଶ୍ୱର ପ୍ରଧାନ (୩୨)ଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ନୂଆପୁର ସିନ୍ଧିଆ ଗ୍ରାମର ଅଚ୍ୟୁତ ପ୍ରଧାନଙ୍କର ଗତ ସୋମବାର ଦେହାନ୍ତ ହୋଇଥିଲା। ତାଙ୍କର ଶେଷକୃତ୍ୟ ପରେ ଦ୍ୱିତୀୟ ଦିନରୁ ପ୍ରତ୍ୟେହ ଦୁଇସଳି ▶▶ପୃଷ୍ଠା ୭

## ଫସିଗଲେ ପୁଲିସ୍ ଏସ୍‌ଆଇ: ଲାଞ୍ଚ ନେଲା ବେଳେ ଧରିଲା ଭିଜିଲାନ୍ସ

ସୁକିନ୍ଦା, ୦୬/୦୭ (ନି.ପ୍ର): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ପୁଲିସ୍ ଏସ୍‌ଆଇ। ତାଙ୍କ ନାଁ ନିର୍ମଳ କୁମାର ସେନାପତି। ସେ ଏବେ ଯାଜପୁର ଜିଲ୍ଲା ସୁକିନ୍ଦା ଥାନାରେ ନିଯୁକ୍ତ ହୋଇଛନ୍ତି। ଏକ ମାମଲାରେ ଜଣେ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ପୁଲିସ ଏସ୍ ?ଆଇ ନିର୍ମଳ କୁମାର ସେନାପତି ଲାଞ୍ଚ ମାଗିଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ଏ ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ପ୍ରକାରେ ଆଜି ଏସ୍‌ଆଇ ଶ୍ରୀ ସେନାପତି ଅଭିଯୋଗକାରୀଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ▶▶ପୃଷ୍ଠା ୭

## ଟ୍ୱିନ ସିଟି ଇନ୍‌ଫ୍ରାକନ୍ କାର୍ଯ୍ୟାଳୟରେ ଆୟକର ବିଭାଗର ଚଢ଼ାଉ

କଟକ, ୦୬/୦୭ (ନି.ପ୍ର): କଟକ ଡ୍ରିଶୁଳିଆ ଠାରେ ଥିବା ଘରୋଇ ଗୃହ ନିର୍ମାଣକାରୀ ସଂସ୍ଥା ଟ୍ୱିନ ସିଟି ଇନ୍‌ଫ୍ରାକନ୍‌ର କାର୍ଯ୍ୟାଳୟରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କଟକ ଡ୍ରିଶୁଳିଆ ଠାରେ ଥିବା ଘରୋଇ ଗୃହ ନିର୍ମାଣକାରୀ ସଂସ୍ଥା ଟ୍ୱିନ ସିଟି ଇନ୍‌ଫ୍ରାକନ୍‌ର କାର୍ଯ୍ୟାଳୟରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟକର ବିଭାଗର ୧୫ଜଣିଆ ଟିମ୍ ଏହି ଚଢ଼ାଉ କରିଥିବା ବେଳେ ବିଭିନ୍ନ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଏହି ଚଢ଼ାଉ ବେଳେ ଆୟକର ବିଭାଗର ଟିମ୍ ଅନେକ ତଥ୍ୟ ପାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ଚଢ଼ାଉ ଗତକାଲି ମଧ୍ୟାହ୍ନରୁ ଆରମ୍ଭ ହୋଇଥିଲା। ଆୟକର ବିଭାଗର ଟିମ୍ ଅଚାନକ ଚଢ଼ାଉ କରି ସଂସ୍ଥାର ସମସ୍ତ

କାଗଜପତ୍ର ଯାଞ୍ଚ କରିଥିଲା। ଡିଏନ୍ ଗ୍ରୁପରେ ଆୟକର ଚଢ଼ାଉ ଲିଙ୍କରେ ଟ୍ୱିନ ସିଟି ଇନ୍‌ଫ୍ରାକନ୍‌ର କାର୍ଯ୍ୟାଳୟ ଉପରେ ଏହି ଚଢ଼ାଉ କରାଯାଇଥିବା ଅନୁମାନ କରାଯାଉଛି। ତେବେ ଏହି ଚଢ଼ାଉ ପଛରେ ଥିବା କାରଣ ବାବଦରେ କୌଣସି ପ୍ରକାରର ସୂଚନା ଆୟକର ବିଭାଗ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇନାହିଁ। ▶▶ପୃଷ୍ଠା ୭

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ବୈଠକ

କେନ୍ଦ୍ରାପଡ଼ା, ୦୬/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ସ୍ଥାନୀୟ ବିକାଶ ସାମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କ୍ରିୟାନୁଷ୍ଠାନ କମିଟିର ସଭାପତି ପ୍ରାଧ୍ୟାପକ ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ରମଣୀ ରଞ୍ଜନ ରାଉତରାୟଙ୍କ ସମେତ ଡ଼ଃ ଉପେନ୍ଦ୍ର ନାଥ ପ୍ରଧାନ, ଆଦିକନ୍ଦ ରାଉଳ, ପ୍ରଫୁଲ୍ଲ ଦାସ, ମହେନ୍ଦ୍ର ପରିଡା, କରୁଣାକର ଦାସ, ବୈଷ୍ଣବ ସାମଲ, ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ରହି ମେଡିକାଲ କଲେଜ ଆନ୍ଦୋଳନକୁ ଗଣ ଆନ୍ଦୋଳନ ରେ ପରିଣତ କରିବା ପାଇଁ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ ଗଣ କନଭେସନ କରିବା ସହିତ ୫ଟି ସଚିବ ଶ୍ରୀ ଭିକେ ପାଣ୍ଡିଆନଙ୍କୁ ଭେଟି କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ କେନ୍ଦ୍ରାପଡା ପୁରୁଣା ମେଡିକାଲ କୁ ୨୦ ଶଯ୍ୟା ବିଶିଷ୍ଟ ମେଡିକାଲରେ ପରିଣତ କରି ସହରବାସୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଦାବି କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି ।

# ମୌସୁମୀ ଆସିବା ପରେ ମଧ୍ୟ ମରାମତି ହେଲାନି ବ୍ରାହ୍ମଣୀ ନଦୀ ବନ୍ଧ : ନଦୀ କୂଳିଆ ଆତଙ୍କିତ

ଧର୍ମଶାଳା, ୦୬/୦୭ (ନି.ପ୍ର): ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଉଛି । ରାଜ୍ୟରେ ଲଗାଣ ବର୍ଷା ଲାଗି ରହିବ । ଏଥି ସହ ନଦୀରେ ବନ୍ୟା ଜଳ ପ୍ରବେଶ କଲାଣି । ଦୃବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ବିଗତ ବର୍ଷ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ପୁଣି ଆଗକୁ ଆସିବ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଲେଣି । ଏଭଳି ଦୃବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା, ମଙ୍ଗଳପୁର ଓ ବ୍ରହ୍ମବରଦା ଅଂଚଳରେ । ଏହି ଅଂଚଳରେ ବ୍ରାହ୍ମଣୀ ଓ ତାର ଶାଖା କେଲୁଅ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ଧରୁ ନାହିଁ ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବାତ ଦୂରର କଥା ଏହି ଅଂଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି । ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା, ମଙ୍ଗଳପୁର, ଝାଲପଡା ନଦୀ ବନ୍ଧ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଲୋକେ ଦୈନନ୍ଦିନ ବିପଦର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଯାଜପୁର ବ୍ଲକ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଝାଲପଡା-କାକୁଡିକୁଦ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଲୋକେ ସାଇକେଲ ଓ ବାଇକ୍ ଗଡାଇ ଗଡାଇ ନେଉଥିବା ବେଳେ ପଥଚାରୀ କାଦୁଅ ପଚପଚ ରାସ୍ତାରେ ଗୋଡ ଖସିଯିବା ଯୋଗୁଁ ବିପଦରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଦେଓଦା ଓ ମଙ୍ଗଳପୁର ପଂଚାୟତର ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବଡ ବଡ ଖାଲ ଖମା ହୋଇ ଏବେ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି ।ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ସମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଏହି ରାସ୍ତା ଖଣ୍ଡାସଠାରୁ ଝାଲପଡା, ସାନବାଗସାହି, ରୁଦ୍ରପୁର, ମେଣ୍ଢ, ମାଳିସାହି, କାକୁଡିକୁଦ, ନୀଳକଣ୍ଠପୁର, ସୁଜନପୁର , ଦେଓଦା ଓ ମଙ୍ଗଳପୁର ପଂଚାୟତର ଦେଓଦା, ସେରପୁର, କୋଠିଡିହ, ଚାନ୍ଦପୁର ଓ ମହେଶ୍ୱରପୁର ପ୍ରମୁଖ ଗାଁ ଏବେ ବନ୍ୟା ମୁହଁରେ । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ସହିତ ବିଭିନ୍ନ ଅଂଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର,ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ଅନ୍ୟ ପକ୍ଷେ ବନ୍ଧଡିହସ୍ଥ ମେଣ୍ଢ-ବ୍ରହ୍ମବରଦା ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ମରାମତି କାର୍ଯ୍ୟ ଚାଲି ମଧ୍ୟ ଶୋଚନୀୟ ହୋଇ ପହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଏହି ବନ୍ଧର ସ୍ଥାୟିତ୍ୱକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନେ କିଛି ଶୁଣୁ ନ ଥବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରୀୟାରେ ମତ ପ୍ରକାଶ କରିଛନ୍ତି ।

## ଲୋକନୃତ୍ୟ ଢାପ ଉପରେ ଗବେଷଣା ପାଇଁ ବିପିନ ବାରିକ ମନୋନିତ

ବଲାଙ୍ଗିର, ୦୬/୦୭ (ନି.ପ୍ର): ପଶ୍ଚିମ ଓଡିଶାର ପ୍ରମୁଖ ଲୋକନୃତ୍ୟ ଢାପ ଉପରେ ଗବେଷଣା କରିବା ପାଇଁ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଥାଳବନ୍ଧ ଗ୍ରାମର ବିପିନ ବିହାରୀ ବାରିକ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତଥା ସଂସ୍କୃତି ଗବେଷଣା ଓ ତାଲିମ କେନ୍ଦ୍ର ନୂଆଦିଲ୍ଲୀ ତରଫରୁ ମନୋନୀତ ହୋଇଛନ୍ତି । ଛୋଟ ଦିନରୁ ସେ କଳା ପ୍ରତି ଆକୃଷ୍ଟ ଥିଲେ । କଳାକୁ ବଂଚାଇବାକୁ ସେ 'ବର୍ଣ୍ଣାଳୀ' ନାମରେ ନିଜ ଗ୍ରାମରେ ଏକ ଅନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ଶ୍ରୀ ବାରିକ ଜଣେ ସୁସଂଗଠକ, କଳାକାର ଓ ନିର୍ଦ୍ଦେଶକ । ସେ ଢୋଲ, ଲିସାନ, ତାସା, ଝାଞ୍ଜ, ମାଂଚଳ, ମୃଦଙ୍ଗ, ତବଲା ଆଦି ବାଦ୍ୟ ଭଲ ଭାବରେ ବଜାଇ ପାରନ୍ତି । ଅଭିନୟ କଳାକାର ଭାବରେ ବିଭିନ୍ନ ଟେଲିଫିଲ୍ମ କୋଶଲ ମାଟିର ଛୁଆ, ଘିଚାଟନା, ଭାବର ତିହାର, ଦାଦନ ଏବଂ ମଂଚନାଟକ ଅରଣ୍ୟ ଫସଲରେ ଅଭିନୟ କରି ଅନ୍ଧାର ରାଇଜେ ଉଡିଛେ ଜନ୍ମ ଓ ଇଟାଭାଟି ଇତ୍ୟାଦିରେ ନିର୍ଦ୍ଦେଶନା ଦେଇସାରିଛନ୍ତି । ଆଜିକାର ବ୍ୟସ୍ତ ବହୁଳ ଜୀବନରେ ନିଜର ପାରିବାରିକ ବୋଝ ତଥା କର୍ମକ୍ଷେତ୍ରର କାର୍ଯ୍ୟଭାରକୁ ଅତି ନିଖୁଣ ଭାବରେ ରୂପାୟନ କରି, ନିଜର ଭାଷା, କଳା, ସଂସ୍କୃତିର ସଂରକ୍ଷଣ କରିବାକୁ ଆପ୍ରାଣ ଉଦ୍ୟମ କରି ଆସୁଥିବା ଗୋଟିଏ ନିଆରା ମଣିଷ ହେଉଛନ୍ତି ସେ । ଆଗାମୀ ଦିନରେ ଲୋପ ପାଇଁ ଯାଉଥିବା ଲୋକ କଳା, ବାଦ୍ୟ, ନୃତ୍ୟ, ଗୀତର ପୁନରୁଦ୍ଧାର ତଥା ଲୋକ ସଂସ୍କୃତି କେମିତି ଭାବରେ ବଜାୟ ରହିପାରିବ ସେଥି ପାଇଁ ସେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି ।

## ଏମ୍ସ ଭୁବନେଶ୍ୱର - ଏସ୍‌ଭିନିରତାର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ପୁନର୍ବାସ କ୍ଷେତ୍ରରେ ବ୍ୟାପକ ଚିକିତ୍ସାସେବା ଯୋଗାଇଦେବା ଲକ୍ଷ୍ୟରେ ଦୁଇ ପ୍ରମୁଖ ଜାତୀୟ ଅନୁଷ୍ଠାନ ଏମ୍ସ ଭୁବନେଶ୍ୱର ଏବଂ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ, ତାଲିମ, ଗବେଷଣା ଏବଂ ଶିକ୍ଷା କେନ୍ଦ୍ର(ଏସ୍‌ଭିନିରତାର) ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ସ୍ୱାସ୍ଥ୍ୟସେବାକୁ ଏକ ନୂତନ ଦିଶା ଦେବା ସହିତ ବିଭିନ୍ନ କ୍ଷେତ୍ରରେ ଗବେଷଣା ଓ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବ । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ଏସ୍‌ଭିନିରତାର, କଟକ ନିର୍ଦ୍ଦେଶକ ଡ. ପି ପି ମହାନ୍ତି ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି । ଏପରି ବୁଝାମଣା ଅସ୍ତ୍ରୋପଚାର ପରବର୍ତୀ ଏବଂ ବିଭିନ୍ନ ରୋଗର ନିରାକରଣ ନିମନ୍ତେ ପୁନର୍ବାସ ଚିକିତ୍ସା ସେବା ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ବିଶେଷ ସହାୟକ ହେବ । ଏମ୍ସର ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ଅର୍ଥୋପେଡିକ୍ସ, ବର୍ନ ଏବଂ ପ୍ଲାଷ୍ଟିକ୍ ସର୍ଜରୀ, ପେଡିଆଟ୍ରିକ୍ସ(ଶିଶୁରୋଗ) ଭଳି ବିଭିନ୍ନ ବିଭାଗ ସହିତ ଏସ୍‌ଭିନିରତାରର ଫିଜିଓଥେରାପୀ, ଅକୁପେସ୍‌ନାଲ ଥେରାପୀ, ସ୍ପିଚ୍ ଥେରାପୀ ଭଳି ବିଭିନ୍ନ ବିଭାଗ ଅଧୀନରେ ଚିକିତ୍ସିତ ରୋଗୀଙ୍କ ରେଫରାଲ୍ ଉପରେ କାର୍ଯ୍ୟ କରିବ । ଉଭୟ ଜାତୀୟ ଅନୁଷ୍ଠାନ ଏହି କ୍ଷେତ୍ରରେ ଚିକିତ୍ସାଧୀନ ରୋଗୀ ଆବଶ୍ୟକ କରୁଥିବା ପୁନର୍ବାସ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତପ୍ରକାଶ କରିଛନ୍ତି । ଏଥିସହିତ ହୃଦ୍‌ରୋଗ, ମାନସିକ ରୋଗ, କର୍କଟ ଆଦି ବିଭାଗ କ୍ଷେତ୍ରରେ ମଧ୍ୟ ପୁନର୍ବାସ ବ୍ୟବସ୍ଥା ଯୋଗାଇଦେବାରେ ଏହି ବୁଝାମଣା ବିଶେଷ ସହାୟକ ହେବ । ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବା, ଗବେଷଣା ନିମନ୍ତେ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ କରିବା, ଏସ୍‌ଭିନିରତାର ଛାତ୍ରଛାତ୍ରୀ ଏମ୍ସକୁ ଆସି କାର୍ଯ୍ୟ ଅଭିଜ୍ଞତା ହାସଲ କରିବା ଭଳି ବିଷୟ ମଧ୍ୟ ଏହି ବୁଝାମଣାରେ ସ୍ଥାନ ପାଇଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି । ଏମ୍ସ ଏବଂ ଏସ୍‌ଭିନିରତାର ମିଳିତ ଭାବେ ଦିବ୍ୟାଙ୍ଗ ଜନ ତଥା କୃତ୍ରିମ ଅଙ୍ଗ ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ନୂତନ କୃତ୍ରିମ ଅଙ୍ଗ ପ୍ରସ୍ତୁତ କରିବା ତଥା ଅନ୍ୟାନ୍ୟ ଗବେଷଣାତ୍ମକ ଉତ୍ପାଦ ସୃଷ୍ଟି କରିବା ନିମନ୍ତେ ବ୍ୟାପକ କ୍ଷେତ୍ର ପ୍ରସ୍ତୁତିରେ ସହଯୋଗ କରିବ ଏହି ଏମ୍‌ଓୟୁ । ସେହିପରି ଜାତୀୟ ଶିକ୍ଷା ନୀତିରେ ଥିବା ବ୍ୟବସ୍ଥା ଅନୁଯାୟୀ ଉଭୟ ଅନୁଷ୍ଠାନ ବିଭିନ୍ନ ଏକାଡେମିକ୍ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଏହା ଉପରେ କାର୍ଯ୍ୟ କରିବେ । ଭାରତର ସର୍ବବୃହତ ଲୋକୋମୋଟର୍ ପୁନର୍ବାସ ଚିକିତ୍ସା କେନ୍ଦ୍ର ଏସ୍‌ଭିନିରତାର ଫିଜିଓଥେରାପି, ଅକୁପେସ୍‌ନାଲ ଥେରାପୀ, ସ୍ପିଚ୍ ଥେରାପୀ, ପ୍ରୋଷ୍ଟେଟିକ୍ସ ଏବଂ ଅର୍ଥୋଟିକ୍ସ ଆଦି ବିଭିନ୍ନ ପ୍ରକାରର ପୁନର୍ବାସ ଥଇଥାନ ଚିକିତ୍ସାସେବା ଯୋଗାଇଆସୁଛି । ଏମ୍ସ ଭୁବନେଶ୍ୱର ସହିତ ହୋଇଥିବା ଏହି ବୁଝାମଣା ମାଧ୍ୟମରେ ଏହି କ୍ଷେତ୍ରରେ ଆହୁରି ଅଧିକ ବ୍ୟାପକତା ଆସିବା ସହିତ ଗବେଷଣା ନିମନ୍ତେ ବାଟ ଫିଟାଇବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପି ପି ମହାନ୍ତି ପ୍ରକାଶ କରିଛନ୍ତି ।

## ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସେବା ନିବୃତ କାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୦୬/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ସେବା ନିବୃତ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଂଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର,ମୁଖ୍ୟବକ୍ତା ଭାବେ ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଯାଜପୁର ଜିଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ,ସମ୍ମାନୀତ ଅତିଥିଭବେ ଦିପାଚଂଳ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନଶିକ୍ଷକ ଅମୂଲ୍ୟ ଦାସ,ବନ୍ଧଡିହ କ୍ଲଷ୍ଟର ସିଆରସିସି ଶ୍ରୀବତ୍ସବ ସାହୁ,୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ବ୍ରହ୍ମବରଦା ସରପଂଚ ମମତାଶୁଭଦର୍ଶିନୀ ଦେଓ, ସମିତିସଭ୍ୟା ରୁସାନା ପରଓ୍ୱିନ,ପାରିକଇଁଚି କ୍ଲଷ୍ଟର ସିଆରସିସି ବିଜୟ କୁମାର ଷଡଙ୍ଗୀ,ବିଦ୍ୟାଳୟ ପରିଚାଳନା କମିଟିର ଶରତ ଚନ୍ଦ୍ର ପାଣ୍ଡେ ପ୍ରମୁଖ ଯୋଗ ଦେଇ ଅବସର ନେଇ ଥିବା ପ୍ରଧାଶିକ୍ଷକଙ୍କ ବିଦ୍ୟାଳୟ ପ୍ରତି ଥିବା ଆନୁଗତ୍ୟ,ଛାତ୍ର ବତ୍ସଳତା ଓ ଶିକ୍ଷାଦାନରେ ବିଗତ ଦିନର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଆଲାଉଦ୍ଦିନ ଖାଁନ,ଯୁବନେତା ପ୍ରଦିପ ଦାସ,ବନ୍ଧଡିହ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣାଞ୍ଜଳୀ ଆଚାର୍ଯ୍ୟ,ନିଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ,କଳଣ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରମୁଖ ଯୋଗ ଦେଇ ଶିକ୍ଷକଶିକ୍ଷୟିତ୍ରୀଙ୍କର ଗର୍ବ ହେଉଛନ୍ତି ଛାତ୍ରଛାତ୍ରୀ । ପିଲାଙ୍କୁ ଇର୍ଷା କରୁ ନଥିବା ବ୍ୟକ୍ତି ହେଉଛନ୍ତି ଶିକ୍ଷକ ସମାଜ ବୋଲି ନିଜ ନିଜ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ । ଅମୂଲ୍ୟ ରାଉତ,ଯୁବନେତା ରାକେଶ ଦେଓ,ପ୍ରାକ୍ତନଶିକ୍ଷାବିତ୍ ପଂଚାନନ ରାଉତ,ନିମାଇଁ ଚରଣ ଦାସଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଓ ଗ୍ରାମ ମୁରବୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ଅଲ ଓଡିଶା ହବିବେ ମିଲ୍ଲତ୍ ସୋସିଆଲ ଟ୍ରଷ୍ଟ ଚାନ୍ଦପୁର, ବନ୍ଧଡିହ କ୍ଲଷ୍ଟର, ବ୍ରହ୍ମବରଦା ସରକାରୀ ଉଚ୍ଚ ବିଦ୍ୟାଳୟ,ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଶେଷରେ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମାନସ ରଂଜନ ମଲ୍ଲିକ, ମିତ୍ରଭାନୁ ନାୟକ,ସ୍ୱସ୍ତିକା ନାୟକ, ମଧୁସ୍ମିତା ଦାସ,ମମତା ମହାଳିକ, ସୀମନ୍ତିନୀ ଜେନା, ଶକ୍ତିଶ୍ରୀ ପ୍ରିୟଭାଜନ, ଉମେଦ ହୋସେନ, ଏଫଆର ଖାଁନ, ସମୀର ପରିଡା, ସନ୍ତୋଷ କୁମାର ପାଢୀ,କେଦାର ରାଉତ ଓ ବିଶ୍ୱବନ୍ଧୁ ଗିରି ପ୍ରମୁଖ ସହଯୋଗ କରିଥିଲେ ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସରପଂଚ

ଚମ୍ପୁଆ, ୦୬/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ପଂଚାୟତର ସରପଂଚ ମାଧୁରୀ ନାଏକ ନିଜ ଜନ୍ମଦିନ ଟିକୁ ନିଆରା ଢଙ୍ଗରେ ଓ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି । ରଙ୍ଗାମାଟିଆ ପଂଚାୟତ ପରିସରରେ ରକ୍ତଦାନ ଶିବିର ଆୟୋଜନ କରି ନିହାତି ଗ୍ରାମ ମଫସଲ ଅଂଚଳରୁ ୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ରଙ୍ଗାମାଟିଆ, ହୁଦୁରାମପୁର, ଟିଆସିପଶି ଓ ପୋଖରୀଆ ଆଦି ଗ୍ରାମର ଯୁବ ବନ୍ଧୁ ମାନେ ସ୍ୱତପୂତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ । ରାଜ୍ୟ ରକ୍ତ ସଂଚାରଣ ପରିଷଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶାର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନରେ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରୀତ ବ୍ୟବସ୍ଥା ମଧ୍ୟରେ ଡାକ୍ତର ଜ୍ୟୋତି ରଞ୍ଜନ ମଲ୍ଲିକ, ଷ୍ଟାପନର୍ସ ତ୍ରିବେଣୀ ନାଏକ, ଲାବରଟେରି ଟେକନିସିଆନ ଲକ୍ଷ୍ମୀ ମଞ୍ଜରୀ ମୁଣ୍ଡା, କାଉନସିଲର ରକ୍ତିମା ପ୍ରଧାନ, ଆଟେନାନସ ବାସୁଦେବ ମୁଖୀ, ଆମୁଲାନସ ଡ୍ରାଇଭର ଅଶିନି କୁମାର ନାଏକ, ପ୍ରମୁଖ ରକ୍ତଦାନକୁ ସୁବ୍ୟବସ୍ଥିତ କରିଥିଲେ । ରଜିଆ ସରପଂଚ ସନ୍ତୋଷ ନାଏକ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରି ଥିଲେ । ରକ୍ତଦାନ ପରେ ରକ୍ତଦାତାଙ୍କୁ ପ୍ରଣାମ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ରଙ୍ଗାମାଟିଆ ସରପଂଚ ଶ୍ରୀମତୀ ମାଧୁରୀ ନାଏକ, ଜିଆରଏସ ଛତ୍ରପତି ଶେଖରଚାନ୍ଦ ମହାନ୍ତ, ୱାର୍ଡ ମେମ୍ବର ମଙ୍ଗରାଜ ନାୟକ, ଗିରୀଶ ଚନ୍ଦ୍ର ନାୟକ, ପିଅନ ଗଦାଧର ନାୟକ, ଯୁବ ସମାଜସେବୀ ମଙ୍ଗଳୁ ଚରଣ ମହାକୁଡ଼, ଦାଶରଥି ମହାକୁଡ

# ଖାଦ୍ୟ ପ୍ରକ୍ରିୟାକରଣ ବିଶେଷଜ୍ଞ

ଖାଦ୍ୟକୁ ନେଇ ସମସ୍ତଙ୍କ ମନରେ ବେଶ୍ ଆଗ୍ରହ ଥାଏ । ବିଶେଷକରି ଖାଦ୍ୟ ଶିଳ୍ପରେ କେବେ ମାନ୍ଦାବସ୍ଥା ସୃଷ୍ଟି ହୁଏନାହିଁ । ତେଣୁ ଯୁବପିଢ଼ିଙ୍କ ମନରେ ଫୁଡ୍ ଟେକ୍ନୋଲୋଜି ବା ଖାଦ୍ୟ ସଂକ୍ରାନ୍ତ ଜ୍ଞାନକୌଶଳ ପ୍ରତି ଆକର୍ଷଣ ରହିଆସିଛି ଏବଂ ସେମାନେ ଏ କ୍ଷେତ୍ରରେ ଭଲ କ୍ୟାରିୟର ମଧ୍ୟ ଗଢ଼ି ପାରୁଛନ୍ତି । ପ୍ରୋସେସଡ଼ ବା ପ୍ରକ୍ରିୟାକରଣ ଖାଦ୍ୟ ପ୍ରସ୍ତୁତ କରୁଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ଭାରତ ଅଭିମୁଖୀ ହେଉଥିବା ବେଳେ ଭାରତୀୟ ବାଣିଜ୍ୟ ଏବଂ ଉଦ୍ୟୋଗ ମହାସଂଘ (ଫିକ୍କି)ର ରିପୋର୍ଟ ଅନୁସାରେ ଖାଦ୍ୟ ପ୍ରକ୍ରିୟାକରଣ ବ୍ୟବସାୟରେ ଭାରତରେ କୁଶଳୀ ବ୍ୟକ୍ତିଙ୍କ ସଂଖ୍ୟା କମ୍ । ଏଭଳି ସ୍ଥିତିରେ ଆଗାମୀ ସମୟରେ ଫୁଡ୍ ଟେକ୍ନୋଲୋଜି କ୍ଷେତ୍ରରେ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଇପାରେ । ଆସନ୍ତା କେଇବର୍ଷ ମଧ୍ୟରେ ଏହି ଇଣ୍ଡଷ୍ଟ୍ରି ଦ୍ରୁତ ପ୍ରସାର ଲାଭ କରିବାର ଆଶା ରହିଥିବାରୁ ଏଥିରେ ରୋଜଗାର ଅଭାବ ହେବନାହିଁ ।

**ଯୋଗ୍ୟତା :** ଖାଦ୍ୟ ପ୍ରକ୍ରିୟାକରଣ କୌଳରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିଲେ ପଦାର୍ଥ ବିଜ୍ଞାନ, ରସାୟନବିଜ୍ଞାନ, ଜୈବବିଜ୍ଞାନ ତଥା ଗଣିତ ଆଦି ବିଷୟ ଥାଇ ଯୁକ୍ତ ଦୁଇରେ ଅତିକମରେ ୫୦ ପ୍ରତିଶତ ନମ୍ବର ରଖିବା ଜରୁରୀ । ଏମଏସସି ପାଠ୍ୟକ୍ରମ ଲାଗି ଫୁଡ୍

ଟେକ୍ନୋଲୋଜି ସମ୍ବନ୍ଧୀୟ ବିଷୟରେ ସ୍ନାତକ ଡିଗ୍ରୀ ହାସଲ କରିବା ଦରକାର ।

**କାର୍ଯ୍ୟର ପ୍ରକାର :** ଏଥିରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସମସ୍ତ କାର୍ଯ୍ୟ ଅନ୍ତର୍ଭୁକ୍ତ । ଲହୁଣି ମୃଦୁପାନୀୟ ଜାମ, ଜେଲି, ଫଳରସ, ବିସ୍କୁଟ, ଆଇସକ୍ରିମ ଆଦିର ମାନ, ସ୍ୱାଦ ଏବଂ ରଙ୍ଗ ସଠିକ୍ ରଖିବା ସହିତ କଞ୍ଚା ଏବଂ ପ୍ରସ୍ତୁତ ହୋଇଥିବ ଜିନିଷର ମାନ ସଂରକ୍ଷଣ, ବିଶୁଦ୍ଧତା ପ୍ରତି ନଜର ରଖିବା ଏହି କ୍ଷେତ୍ରରେ ପ୍ରମୁଖ କାର୍ଯ୍ୟ । ଏସବୁ କମ୍ପାନୀ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । କଞ୍ଚାମାଲରୁ ଉତ୍ପାଦ ପ୍ରସ୍ତୁତି ହେବାଯାଏ କମ୍ପାନୀରେ ପ୍ରତି ସ୍ତରରେ ଫୁଡ୍ ଦୁଇଭାଗରେ ବିଭକ୍ତ ହୋଇଛି । ଯଥା- ମାନୁଫାକଚରଡ଼ ପ୍ରୋସେସ ଏବଂ ଭାଲ୍ୟୁ ଆହଡ଼େଡ଼ ପ୍ରୋସେସ । ପ୍ରଥମ ପ୍ରକ୍ରିୟାରେ କଞ୍ଚା କୃଷି ଉତ୍ପାଦ ଏବଂ ମାଂସ ପରି ପ୍ରାଣୀଜ ଉତ୍ପାଦର ଭୌତିକ ସ୍ୱରୂପରେ ପରିବର୍ତ୍ତନ ଅଣାଯାଏ । ଫଳରେ ଏହା ଖାଦ୍ୟ ଏବଂ ବିକ୍ରିଯୋଗ୍ୟ ହୋଇଯାଏ । ଦ୍ୱିତୀୟ ପ୍ରକ୍ରିୟାରେ କଞ୍ଚା ଖାଦ୍ୟ ଉତ୍ପାଦରେ ଏପରି କେକେ ପରିବର୍ତ୍ତନ ଅଣାଯାଏ ଯାହାଦ୍ୱାରା ତାହା ଅଧିକ ସମୟଯାଏ ସୁରକ୍ଷିତ ରହେ ଏବଂ ଯେକୌଣସି ସମୟରେ ଖାଦ୍ୟ ଉପଯୋଗୀ ହୋଇ ରହିପାରେ । ଯଥା ଟମାଟୋରୁ ପ୍ରସ୍ତୁତ ସସସ, କ୍ଷୀରରୁ ପ୍ରସ୍ତୁତ ଆଇସକ୍ରିମ ଆଦି ।

**ଆବଶ୍ୟକତା :** ଫୁଡ୍ ଟେକ୍ନୋଲୋଜିଷ୍ଟ ଏବେ ପ୍ରାୟ ପ୍ରତି ଦେଶରେ ଆବଶ୍ୟକ ହେଉଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାଙ୍କୁ ଉଚ୍ଚମାନ ଏବଂ ସ୍ୱାଦ ତଥା ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଇବା ।

**ପ୍ରମୁଖ ପାଠ୍ୟକ୍ରମ :** ବିଏସସି (ସମ୍ମାନ)ଫୁଡ଼ ଟେକ୍ନୋଲୋଜି ବିଟେକ ଫୁଡ଼ ଟେକ୍ନୋଲୋଜି ଏମଟେକ ଫୁଡ଼ ଟେକ୍ନୋଲୋଜି ପିଜି ଡିପ୍ଲୋମା ଇନ ଫୁଡ଼ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏମବିଏ (ଏଗ୍ରୋ ବିଜନେସ ମ୍ୟାନେଜମେଣ୍ଟ) ଯେପରି ଭିନ୍ନ ଭିନ୍ନ ଖାଦ୍ୟକୁ ଦେଖି ମନ ବ୍ୟାକୁଳ ହୁଏ, ସେହିପରି ଫୁଡ଼ ଟେକ୍ନୋଲୋଜିର ପାଠପଢ଼ା ମଧ୍ୟ ବେଶ୍ ଆକର୍ଷକ । ଏଥିରେ ଖାଦ୍ୟ ପଦାର୍ଥର ସଂରକ୍ଷଣ ଠରୁ ପ୍ୟାକେଜିଂ, ଫ୍ରିଜିଙ୍ଗ ଆଦି କୌଶଳ ସମ୍ପର୍କରେ ଜଣାଯାଏ । ଖାଦ୍ୟର ପୋଷାକ ତତ୍ତ୍ୱ ଅଧ୍ୟୟନ ସହିତ ଫଳ, ମାଂସ, ପନିପରିବା, ମାଛ ଆଦିର ପ୍ରକ୍ରିୟାକରଣ ସମ୍ବନ୍ଧୀୟ ଜ୍ଞାନ ଏହି ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ।

**କେଉଁଠି ପଢ଼ାଯାଏ :** ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦିଲ୍ଲୀ ଇନ୍ଦିରା ଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟ ମୈଦାନଗଡ଼ି, ଦିଲ୍ଲୀ ଜି.ବି. ପନ୍ତୟୁନିଭର୍ସିଟି ଅଫ ଏଗ୍ରିକଲଚର ଆଣ୍ଡ ଟେକ୍ନୋଲୋଜି, ପନ୍ତନଗର, ଉତ୍ତରାଖଣ୍ଡ ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ, ଝାନସି ଉତ୍ତରପ୍ରଦେଶ, କାନପୁର ବିଶ୍ୱବିଦ୍ୟାଳୟ, କାନପୁର, ଉତ୍ତରପ୍ରଦେଶ, କଲକାତା ବିଶ୍ୱବିଦ୍ୟାଳୟ, କଲକାତା, ଗରୁ ନାନାଦେବ ବିଶ୍ୱବିଦ୍ୟାଳୟ ଅମୃତସର, ପଞ୍ଜାବ ମୁମ୍ବଇ ବିଶ୍ୱବିଦ୍ୟାଳୟ ମୁମ୍ବାଇ ନାଗପୁର ବିଶ୍ୱବିଦ୍ୟାଳୟ ନାଗପୁର ସେଣ୍ଟ୍ରାଲ ଫୁଡ଼ ଟେକ୍ନୋଲୋଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ମହୀଶୂର, ବିରଳା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ମେସରା, ରାଂଚି ଝାଡ଼ଖଣ୍ଡ ।

**ନିଯୁକ୍ତି ସୁଯୋଗ :** ଏହି ପାଠ୍ୟକ୍ରମ ଶେଷ କରିବା ପରେ ନିଯୁକ୍ତିର ଏକାଧିକ ବିକଳ୍ପ ଆପଣଙ୍କ ସମ୍ମୁଖକମୁ ଆସିଯିବ । ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ରିଟେଲ କମ୍ପାନୀ, ହୋଟେଲ, କୃଷି ଉତ୍ପାଦ ପ୍ରସ୍ତୁତ କରୁଥିବା ବିଭିନ୍ନ କମ୍ପାନୀ ସହିତ ଜଡ଼ିତ ହୋଇପାରିବ । ନଚେତ ଖାଦ୍ୟର ମାନ ପରୀକ୍ଷା କରୁଥିବା ଏହାର ପ୍ରସ୍ତୁତି ତଦାରଖ କରୁଥିବା ଏବଂ ଖାଦ୍ୟଦ୍ରବ୍ୟ ସଂରକ୍ଷଣ ଲାଗି ରହିଥିବା ବିଭିନ୍ନ ସଂସ୍ଥାରେ କାମ କରିବା ସମ୍ଭବ ହେବ । ଦକ୍ଷତା ବଢ଼ିବା ସହିତ ଚେତନା ହାର ମଧ୍ୟ ସେହି ଅନୁସାରେ ବଢ଼ିଚାଲିବ ।

ଟେକ୍ନୋଲୋଜି ଜ୍ଞାନ ରହିଥିବା କର୍ମଚାରୀଙ୍କର ଗୁରୁତ୍ୱ ରହିଛି । ବୈଷୟିକ ସ୍ତରରେ କମ୍ପାନୀର ଭବିଷ୍ୟତ ମଧ୍ୟ ଏମାନଙ୍କ ଦକ୍ଷତା ଉପରେ ନିର୍ଭର କରେ ।

ଏହି କ୍ଷେତ୍ର

# ଉପକାରୀ ମୁଲତାନୀ ମାଟି

- ଖରାଦିନେ ତ୍ୱଚାର ଉପକାର ପାଇଁ ମୂଳତାନୀ ମାଟି ବ୍ୟବହାର କରନ୍ତୁ । ତ୍ୱଚା ଶୀତଳ ଓ ଆର୍ଦ୍ର ରହିବ । ଝାଳ କମିବ ଓ ମେକଅପ ଅଧିକ ସମୟ ରହିବ ।

- ଏକ ଚାମଚ ପୋଦନା ରସରେ ଅଧ ଚାମଚ ଲେଖାଏଁ ମୁଲତାନୀ ମାଟି, ଲେମ୍ବୁ ରସ ଫେଣ୍ଟି ମୁହଁରେ ଲଗାନ୍ତୁ । କିଛି ସମୟ ପରେ ଥଣ୍ଡା ପାଣିରେ ଧୁଅନ୍ତୁ । ଧୂଳି-ମଳି ସଫା ହେବା ସହ ତ୍ୱଚା ମସୃଣ ହେବ ।

- ତ୍ୱଚା କଣ୍ଡୁ ଓ ଘିମିରି ସମସ୍ୟା ପାଇଁ ଏକ ଚାମଚ ମୁଲତାନୀ ମାଟିରେ ଅଧ ଚାମଚ ଲେଖାଏଁ ବେସନ ଓ ବଟା ହଳଦୀ ଫେଣ୍ଟି ସ୍ନାନ ପୂର୍ବରୁ ଲଗାନ୍ତୁ ।

- ଖରାଦିନେ ମୁହଁରେ କଳାଦାଗ ସମସ୍ୟା ଅଧିକ । ସମସ୍ୟାରେ ନପଡ଼ିବା ଲାଗି ଏକ ଚାମଚ ମୁଲତାନୀ ମାଟିରେ ଅଣ୍ଡା କେଶର ଓ ଦହି ଫେଣ୍ଟି ପ୍ରତିଦିନ ଥରେ ଲଗାନ୍ତୁ । ରାତିରେ ଶୋଇବା ପୂର୍ବରୁ ଲଗାଇଲେ ଭଲ ।

# ହାତୀର ବି ଥାଏ ବ୍ୟକ୍ତିତ୍ୱ

ମଣିଷର ଯେମିତି ବ୍ୟକ୍ତିତ୍ୱ ଥାଏ, ଠିକ୍ ସେମିତି ହାତୀମାନଙ୍କର ବି ବ୍ୟକ୍ତିତ୍ୱଥାଏ । ବ୍ୟକ୍ତିତ୍ୱ ଆଧାରରେ ସମସ୍ତ ହାତୀଙ୍କୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରିବ । ସେଗୁଡ଼ିକ ହେଲା(୧) ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରୁଥିବା, (୨) ସାମାଜିକ ଅଥବା ଅନ୍ୟମାନଙ୍କ ସହ ସବୁବେଳେ ମିଳିମିଶି ରହିବାକୁ ଚାହୁଁଥିବା ଏବଂ (୩) ଅତି ସାବଧାନତା ଅବଲମ୍ବନ କରୁଥିବା ହାତୀ । କିଛି ହାତୀ ଥାଆନ୍ତି ଯେଉଁମାନେ କି ସବୁବେଳେ ନିଜ ଆଖପାଖର ପରିବେଶ ପ୍ରତି ଉଗ୍ର ଆଭିମୁଖ୍ୟ ଦେଖାଇବା ସହ ଅନ୍ୟ ହାତୀଙ୍କର ଜୀବନରେ ବି ହସ୍ତକ୍ଷେପ କରିଥାନ୍ତି । ସେମାନେ ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ । ଦ୍ୱିତୀୟ ଶ୍ରେଣୀରେ ଆସୁଥିବା ହାତୁଗୁଡ଼ିକ ଅନ୍ୟ ହାତୀ ଏବଂ ମଣିଷ ସହ ଖୁବ ଭଲଭାବେ ମିଶନ୍ତି । ସେମାନେ ଶାନ୍ତ ସ୍ୱଭାବର ଏବଂ ମିଳିମିଶି କରି ରହିବାକୁ ଭଲ ପାଆନ୍ତି । ଆଉ ତୃତୀୟ ବର୍ଗର ହାତୀ ସବୁବେଳେ ଅତି ସାବଧାନତା ଅବଲମ୍ବନ କରୁଥାଆନ୍ତି ସେମାନେ ଯାହାବି କରନ୍ତି, ସବୁବେଳେ ଅତି ସତର୍କ ଥାଆନ୍ତି । ମ୍ୟାଁମାରରେ କାଠ ପରିବହନ କାର୍ଯ୍ୟରେ ନିୟୋଜିତ ପ୍ରାୟ ୨୫୦ ହାତୀଙ୍କ ସମ୍ପର୍କରେ ୨୦୧୭ ମଧ୍ୟରେ ଅଧ୍ୟୟନ କଲାପରେ ଫିନଲ୍ୟାଣ୍ଡର ଟୁରକୁ ବିଶ୍ୱବିଦ୍ୟାଳୟରେ ଗବେଷକମାନେ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ହାତୀମାନଙ୍କ ବ୍ୟବହାର ସେମାନଙ୍କ ମାହୁନ୍ତଙ୍କ ଠାରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା ବୋଲି ଏହି ଗବେଷକମାନେ କହିଛନ୍ତି ।

# ଦୂର କରନ୍ତୁ 'ମନ୍‌ଡେ ବ୍ଲୁ'

- କାଉଣ୍ଟଡାଉନ୍ ଆରମ୍ଭ କରନ୍ତୁ । ଆଜି ସୋମବାର, ମାନେ ଆଉ ୫ଦିନ । ଏହାପରେ ଆପଣ ପୁଣିଥରେ ଉପଭୋଗ କରିପାରିବେ ୱିକେଣ୍ଡ । ବିଭିନ୍ନ କର୍ପୋରେଟ୍ ସେକ୍ଟରର ୫ ଦିନିଆ ୱିକେଣ୍ଡ ହୋଇଥାଏ ।

- ସୋମବାର ସକାଳୁ ଉଠି ଅଫିସ ଯିବା କଥା ଭାବିଲେ ମୁଡ୍ ଅଫ୍ ହୋଇଯାଏ । ଅଫିସ କଥା ନଭାବି

ଭାବନ୍ତୁ ୱିକେଣ୍ଡକୁ ଆପଣ କେମିତି ଉପଭୋଗ କଲେ । ମଜା କରି ବା ଆରାମ କରି କିପରି ଛୁଟି କାଟିଛନ୍ତି ସେ କଥା ମନେ ପକାଇବାକୁ ଚେଷ୍ଟା କଲେ ମନ ଭଲ ହୋଇଯିବ । ଥରେ ମୁଡ୍ ଭଲ ହୋଇଗଲେ ଦେଖିବେ ଆପଣଙ୍କର ଯିବାକୁ ବିଶେଷ ସମସ୍ୟା ହେବନାହିଁ ।

- ନିଜର କାମ ନେଇ ସକାରାତ୍ମକ ଭାବନା ରଖନ୍ତୁ । ଭଲ ଓ ବିଳାସବ୍ୟସନରେ ବଂଚିବା ପାଇଁ ଅର୍ଥଟା ଆବଶ୍ୟକ ରହିଛି । ଆଉ ଏହି ଅର୍ଥ ଆପଣ ଚାକିରି କ୍ଷେତ୍ରରୁ ଆସୁଛି । ତେଣୁ କାମ କରିବା କ୍ଷେତ୍ରରେ ସକାରାତ୍ମକ ମନୋଭାବ ସୃଷ୍ଟି କରନ୍ତୁ । ଦେଖିବେ ସୋମବାର କଥା ଭାବିଲେ ଆଉ ମନଦୁଃଖ ହେବନି ।

- ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ୱିକେଣ୍ଡ ଛୁଟି କଥା ଚିନ୍ତା କରିପାରନ୍ତି ନାହିଁ । ସାମ୍ବାଦିକ, ଚିକିତ୍ସକ ବା କଲସେଣ୍ଟର୍‌ରେ ଚାକିରି କରିଥିବା ଲୋକମାନଙ୍କୁ ରବିବାରରେ ବି ଅଫିସ ଯିବାକୁ ପଡ଼ିଥାଏ । ଥରେ ଭାବନ୍ତୁ ତ ସେମାନଙ୍କ ତୁଳନାରେ ଆପଣ କେତେ ଭାଗ୍ୟବାନ ।

- ମନଡେ ବ୍ଲୁ ବିଷୟଟି ସମ୍ପୂର୍ଣ୍ଣ ଭାବେ ମାନସିକ । ସପ୍ତାହରେ ପ୍ରଥମଦିନ । ତେଣୁ ଦିନେ ବା ଦୁଇଦିନ ଛୁଟି କାଟିବା ପରେ ପୁଣିଥରେ କାମରେ ଯୋଗଦେବା ପାଇଁ ମନକୁ ପ୍ରସ୍ତୁତ କରିବାକୁ ସମୟ ଲାଗେ ।

**ୱିକେଣ୍ଡ ଗୁଡ଼ିକ ଖୁବ ଶୀଘ୍ର କଟିଯାଏ । ସୋମବାର ପୁଣି କେତେବେଳେ ଆସିଯାଏ ଜଣାପଡ଼େନି । ନିଦରୁ ଉଠି ଅଫିସ ଯିବାକୁ ହେବ ବୋଲି ଭାବିଲା ମାତ୍ରେ ମିଜାଜ ବିଗିଡ଼ିଯାଏ । ଅଫିସ ଯାଇ ମଧ୍ୟ କାମରେ ମନ ଲାଗେନାହିଁ । ଲଞ୍ଚ ସମୟ ପର୍ଯ୍ୟନ୍ତ ନିଦୁଆ ନିଦୁଆ ଲାଗେ । କେବଳ ଆପଣ ନୁହନ୍ତି, ଅନେକ ଲୋକ ସୋମବାର କାର୍ଯ୍ୟରେ ଯୋଗ ଦେବା କଥା ଭାବିବା ମାତ୍ରେ ଛାନିଆ ହୁଅନ୍ତି । ଏହାକୁ ମନସ୍ତାତ୍ତ୍ୱିକ ଭାଷାରେ କୁହାଯାଏ 'ମନ୍‌ଡେ ବ୍ଲୁ' । ଜାଣନ୍ତୁ 'ମନଡେ ବ୍ଲୁ' ଦୂର କରିବାର ଉପାୟ ।**

# 'ବେବି ଟକ୍'ରୁ ବଢ଼େ ଶବ୍ଦ ଶକ୍ତି

'ବେବି ଟକ୍' ଅଥବା ଅଥବା ଶିଶୁ ପେଟରେ ଥିବା ସମୟରେ କଥା କହିବା । ଅନେକ ଗର୍ଭବତୀ ମହିଳା ତାଙ୍କ ପେଟରେ ଥିବା ଶିଶୁ କଥା କହୁଛି ବୋଲି ଅନୁଭବ କରିଥାନ୍ତି । ତେବେ ଏହା ସତ, ପେଟରେ ଥିବା ଶିଶୁ ସମୟେ ସମୟେ କେତେକ ଶବ୍ଦ ଉଚ୍ଚରଣ କରିଥାଏ । ନିକଟରେ ସ୍କଟଲ୍ୟାଣ୍ଡରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ଯେଉଁ ଶିଶୁମାନେ ପେଟରୁ ହିଁ ଶବ୍ଦ ଉଚ୍ଚାରଣ ଆରମ୍ଭ କରିଥାନ୍ତି ଭବିଷ୍ୟତରେ ସେମାନଙ୍କର ଶବ୍ଦ ଶକ୍ତି ବା ୱାର୍ଡ ପାୱାର ଅଧିକ ରହିଥାଏ । ଏହା ବ୍ୟତୀତ କଷ୍ଟ ଶବ୍ଦ ଉଚ୍ଚରଣଜନିତ ତ୍ରୁଟି ସେମାନଙ୍କ ନିକଟରେ କମ୍ ଦେଖାଦେଇଥାଏ । ଶିଶୁର ଏହି ଗୁଣ ପିତାମାତାଙ୍କ ଠାରୁ ହିଁ ଆସିଥାଏ । ଏହୁ ବେବି ଟକ୍‌କୁ ଶିଶୁର ଭବିଷ୍ୟତ ଉନ୍ନତିର ଏକ ଲକ୍ଷଣ ରୂପେ ଆମେ ନେଇପାରିବା ।

# ଆଙ୍ଗୁଳିରୁ ଓଠାପାଇଁ ତେନ୍ତୁଳି ରସ

- ପାଚିଲା ତେନ୍ତୁଳିକୁ ପାଣିରେ ଫୁଟାଇ ରସ ବାହାର କରନ୍ତୁ । ଦୁଇ ଚାମଚ ହଳଦି ଗୁଣ୍ଡ ଫେଣ୍ଟି ସପ୍ତାହରେ ତିନି ଥର ଲଗାନ୍ତୁ, ତ୍ୱଚା ସଫା ହେବ ।

- ଏକ ଚାମଚ ତେନ୍ତୁଳି ରସରେ ଏକ ଚାମଚ ମହୁ କିମ୍ବା ଲେମ୍ବୁ ରସ ଫେଣ୍ଟି ମୁହଁ, ବେକ, ହାତ, ପାଦରେ ସପ୍ତାହରେ ଦୁଇ-ତିନିଥର ଲଗାଇଲେ ଉଜ୍ଜ୍ୱଳତା ବଢ଼ିବାରେ ସାହାଯ୍ୟ କରେ ।

- ବୟସ ରେଖା କିମ୍ବା ତ୍ୱଚା କୁଞ୍ଚନ ଦୂର ପାଇଁ ଭିଟାମିନ୍ ଏ, ସି, ଏଣ୍ଟିଅକ୍ସିଡାଣ୍ଟ ଆବଶ୍ୟକ । ତେଣୁ ଏସବୁ ତେନ୍ତୁଳିରେ ଭରପୁର ରହିଥାଏ । ତେଣୁ ସମାନ ପରିମାଣର ତେନ୍ତୁଳି ରସ ସହ ମହୁ ଫେଣ୍ଟି ଲଗାନ୍ତୁ, ସୁଫଳ ପାଇବେ ।

- ଆଖି ତଳ କଳା ଦାଗ ଦୂର ପାଇଁ ତେନ୍ତୁଳି ରସ ବ୍ୟବହାର କରନ୍ତୁ । ଗୋଲାପୀ ଜଳରେ ତେନ୍ତଳି ରସ ଫେଣ୍ଟି ବ୍ରଣରେ ଲଗାଇଲେ ଉପଶମ ମିଳିଥାଏ । କିଛି ଦିନ ପରେ ବ୍ରଣ ଚାଲିଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନୀ ପ୍ରଚାର ଉଷ୍ମତା...

ବର୍ଷ ୨୦୨୪ ହେବାକୁ ଯାଉଛି ଲୋକସଭା ନିର୍ବାଚନର ବର୍ଷ । ଏଥପାଇଁ ଆଉ ମାତ୍ର ବର୍ଷକରୁ କମ୍ ସମୟ ରହିଥିବା ବେଳେ ପ୍ରାୟ ସବୁ ରାଜନୀତିକ ଦଳ ଆରମ୍ଭ କରି ଦେଇଛନ୍ତି ପ୍ରସ୍ତୁତି । ଏ ଦୃଷ୍ଟିରୁ ସର୍ବାଗ୍ରେ ରହିବାକୁ ଆଗେଇ ଆସିଛି କେନ୍ଦ୍ରର ଶାସକ ଦଳ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି ଲୋକମାନଙ୍କ ନିକଟରେ ତାଙ୍କ ନେତୃତ୍ୱାଧୀନ ସରକାର ବିଗତ ନଅ ବର୍ଷ ଭିତରେ କରିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକ ସହିତ ୨୦୪୭ ପାଇଁ କରିଥିବା ଯୋଜନାଗୁଡ଼ିକର ରିପୋର୍ଟ କାର୍ଡକୁ ପହଞ୍ଚାଇବା ପାଇଁ । ତେବେ ଏଥିପାଇଁ ସେ ଯେଉଁ କାର୍ଯ୍ୟସୂଚୀଗୁଡ଼ିକ ପ୍ରସ୍ତୁତ କରିଥିବା ସମ୍ପର୍କରେ ସୂଚନା ଦେଇଛନ୍ତି, ଯଦି ନିର୍ବାଚନରେ ବିଜୟ ଲାଭ କରନ୍ତି, ତା'ହେଲେ ତାକୁ କେତେଦୂର ତାଙ୍କ ସରକାର କାର୍ଯ୍ୟରେ ପରିଣତ କରି ପାରିବ, ତାହା ଦେଖିବାକୁ ବାକି ରହିବ । କେନ୍ଦ୍ରରେ ଏକ ଶକ୍ତିଶାଳୀ ଲୋକପାଳ ପ୍ରତିଷ୍ଠା ପାଇଁ ଦାବି ସହିତ ଦୃଢ଼ ଦୁର୍ନୀତି-ବିରୋଧୀ ପ୍ରଚାର ଅଭିଯାନ ପୃଷ୍ଠଭୂମିରେ ଶ୍ରୀଯୁକ୍ତ ମୋଦୀ ୨୦୧୪ରେ ଶାସନ କ୍ଷମତାକୁ ଆସିଲେ । ସେ ସମୟରେ ସାରା ଦେଶରେ ଦୁର୍ନୀତି-ବିରୋଧୀ ହାୱା ବହୁଥିଲା । ଦେଶର ପ୍ରତ୍ୟେକ ନାଗରିକ ଚାହୁଁଥିରେ କେନ୍ଦ୍ରରେ ଏକ ଦୁର୍ନୀତିମୁକ୍ତ ସରକାର ପ୍ରତିଷ୍ଠା ହେଉ । ଜଣେ ଶକ୍ତିଶାଳୀ ଲୋକ ଦେଶର ଗାଡ଼ିକୁ ଆଗେଇ ନେଉଛନ୍ତି ବୋଲି ଲୋକମାନଙ୍କୁ ତାଙ୍କ ସରକାରର ଏହି ଜାତୀୟତାବାଦ ଅନୁଭବ କରିବାକୁ ଦେଇଥିଲା । ଏକ ନିର୍ବାଚନ ପଶାପାଲିରେ ବିଜୟ ଲାଭ କରିବା ନିମନ୍ତେ ବିକାଶ ଏବଂ ଏକ ସକାରାତ୍ମକ ରାଜନୀତିକ କାର୍ଯ୍ୟସୂଚୀ ସେଭଳି ଉତ୍ତମ ଗୋଟି ଭାବରେ କାର୍ଯ୍ୟ କରି ନପାରେ ବୋଲି ବିଜେପି ଭଲ ଭାବରେ ଜାଣେ । କାରଣ ୨୦୦୪ରେ ଏହା ପ୍ରମାଣିତ ହୋଇଥିବା ବିଜେପିର ନିଜସ୍ୱ ଅନୁଭୂତି ରହିଛି। ସେ ସମୟରେ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡ୍‌ନୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ଏକ ଉଜ୍ଜ୍ୱଳ ଭାରତ ସମ୍ପର୍କରେ ଲୋକମାନଙ୍କୁ ବୁଝାଇବାକୁ ଲାଗିଥିବା ବେଳେ ଲୋକମାନେ ନିଜକୁ ନିଜେ କେତେ ଉଜ୍ଜ୍ୱଳ ହୋଇଛନ୍ତି, ତାହା ଦେଖିଥିଲେ ଏବଂ ସେମାନଙ୍କ ପରିସ୍ଥିତିରେ ସେମିତି କିଛି ପରିବର୍ତ୍ତନ ଘଟି ନଥିବା ଅନୁଭବ କରି ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ)କୁ ବାଛିଲେ। ସରକାର ଗଠନ କରିବା ପରେ ୟୁପିଏ ମଧ୍ୟ ପ୍ରଥମ ପାଳିରେ ଦେଶବାସୀଙ୍କୁ ଆପାତତଃ ଯଥାଯଥ ଶାସନ ପ୍ରଦାନ କଲା, ଯାହା ଏହାକୁ ଦ୍ୱିତୀୟ ପାଳି ଶାସନ କରିବା ନିମନ୍ତେ ବାଛିବାକୁ ଲୋକମାନଙ୍କୁ ପ୍ରୋତ୍ସାହନ ଯୋଗାଇଲା। କିନ୍ତୁ ୟୁପିଏ ସରକାରର ଦ୍ୱିତୀୟ ପାଳିରେ ଏହାର ଅସମ୍ବେଦନଶୀଳ ଶାସକମାନେ ଦୁର୍ନୀତିରେ ବୁଡ଼ି ରହିବାର ଅଭିଯୋଗମାନ ଉଠିଲା, ଯାହା ଲୋକମାନଙ୍କୁ ଏହାର ବିକଳ୍ପ ବାଛିବାର ଆବଶ୍ୟକତା ଆଣିଦେଲା। ଆଉ ଏହାର ପରିଣତି ହେଲା କେନ୍ଦ୍ରରେ ଶ୍ରୀଯୁକ୍ତ ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ପ୍ରତିଷ୍ଠା । ଭାରତର ଅଧିକାଂଶ ଲୋକ ଗରିବ; ଏମିତିକି ସେମାନଙ୍କ ମଧ୍ୟରୁ ଅଧିକାଂଶ ଦୁଇ ଓଳି ପେଟପୂରା ଖାଦ୍ୟ ଖାଇବାକୁ ପାଆନ୍ତି ନାହିଁ । ଏଭଳି ଏକ ପରିସ୍ଥିତି ମଧ୍ୟରେ ମୋଦୀ ସରକାରଙ୍କ ପ୍ରଥମ ପାଳିରେ ସ୍ୱଚ୍ଛ ଭାରତ ଏବଂ ଉଜ୍ଜ୍ୱଳା ଭଳି ଯୋଜନାଗୁଡ଼ିକ ସମାଜର ନିମ୍ନ ସ୍ତରରେ ବାସ କରୁଥିବା ଲୋକମାନଙ୍କର ବହ୍ୱାକାଂକ୍ଷିତ ଆବଶ୍ୟକତାଗୁଡ଼ିକୁ କେତେକ ପରିମାଣରେ ପୂରଣ କରିବା ବେଳେ ସେହି ପାଳିରେ ସରକାରଙ୍କ ବିମୁଦ୍ରାକରଣ ଏବଂ ସାରା ଦେଶରେ ଏକକ ଟିକସ ବ୍ୟବସ୍ଥା ଭାବରେ ଜିଏସ୍‌ଟି ଲାଗୁ କରିବାର ଏକଛତ୍ରବାଦୀ ନିଷ୍ପତ୍ତି ଭାରତ ଭଳି ଏକ ବିବିଧତାଭରା ଦେଶରେ କି ପ୍ରକାରର ପ୍ରଭାବ ପକାଇବ, ତାହା ଦେଖିବାରେ ଏହାଙ୍କର ଅସାମର୍ଥ୍ୟକୁ ପଦାରେ ପକାଇଲା। ଆଉ ଏଇ କ୍ରମରେ ବର୍ତ୍ତମାନ ସେ ନିଜର ମନ୍ତ୍ରୀମାନେ ଆଗାମୀ ଦିନର କଥା ଚିନ୍ତା କରି ୨୦୪୭ ଦିଗରେ ପଥ ବାବଦରେ ଲୋକମାନଙ୍କ ସହିତ ଆଲୋଚନା କରିବା ଚାହୁଁଥିବା ବେଳେ ବ୍ୟକ୍ତିଗତ ଭାବରେ ସେ ସମାନ ନାଗରିକ ସଂହିତା (ୟୁସିସି) ଉପରେ ଆଲୋଚନାକୁ ଆରମ୍ଭ କରିଛନ୍ତି, ଯଦିଓ ସେ ଭଲ ଭାବରେ ଜାଣିଛନ୍ତି ଯେ ଏକ ନିର୍ବାଚନୀ ବର୍ଷରେ ଆଲୋଚନା କରିବା ନିମନ୍ତେ ଏହା କୌଣସି ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ପ୍ରସଙ୍ଗ ନୁହେଁ । ଏକ ସମାନ ନାଗରିକ ସଂହିତା ରାଜନୀତିକ ଦଳମାନଙ୍କ ସମେତ ସମସ୍ତ ହିତଧାରକମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା, ମାନ୍ୟବୃତ୍ତି ଏବଂ ଆକାଂକ୍ଷାର ପ୍ରତିଫଳନ ହେବା ଆବଶ୍ୟକ, ଯଦ୍ୱାରା ଏହା ଉପରେ ଏକ ସମ୍ପୂର୍ଣ୍ଣ ସହମତି ସୃଷ୍ଟି ହୋଇ ପାରିବ ଏହାକୁ ଲାଗୁ କରିବା ନିମନ୍ତେ । ତେଣୁ ଏହା କରିବାକୁ ଶ୍ରୀଯୁକ୍ତ ମୋଦୀ କେତେଦୂର ସମର୍ଥ ହେଉଛନ୍ତି, ତାହା ସମୟ କହିବ। ଅପର ପକ୍ଷରେ, ଭାରତ ଯେତେବେଳେ ତା'ର ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରି ଶତବାର୍ଷିକୀ ପାଳନ କରିବ, ସେତେବେଳେ ବିଶ୍ୱରେ ଏହା ଏକ ବିକଶିତ ରାଷ୍ଟ୍ରର ପରିଚିତି ଲାଭ କରିବା ତାଙ୍କର ସ୍ୱପ୍ନ ବୋଲି ଶ୍ରୀଯୁକ୍ତ ମୋଦୀ କହୁଛନ୍ତି । କିନ୍ତୁ ସେ ଯେଉଁ ସରକାରର ନେତୃତ୍ୱ ନେଉଛନ୍ତି, ତାହା ଏ ପର୍ଯ୍ୟନ୍ତ ଉପରୋକ୍ତ ସ୍ୱପ୍ନ କେମିତି ବାସ୍ତବତାରେ ପରିଣତ ହେବ, ତା'ର କୌଣସି ନିର୍ଦ୍ଦିଷ୍ଟ ନକ୍ସାକୁ ଦର୍ଶାଇ ପାରି ନାହିଁ। ଶ୍ରୀଯୁକ୍ତ ମୋଦୀ ବିଶ୍ୱାସ କରନ୍ତି ଯେ ସାଧାରଣ ନାଗରିକଙ୍କ ପାଇଁ ସୁଖ ସୌଭାଗ୍ୟ ଆଣିଦେବାରେ ପ୍ରଯୁକ୍ତି ଏକ ବଡ଼ ସକ୍ଷମକାରୀର ଭୂମିକା ନିର୍ବାହ କରିବ, କିନ୍ତୁ ଡିଜିଟାଲ ବିଭାଜନ କ୍ଷେତ୍ରରେ ରହିଥିବା ଅନ୍ତରକୁ କମାଇବା ନିମନ୍ତେ ଖୁବ୍ କମ୍ କାମ କରାଯାଇଛି । ସମୟ ଉପଗତ ହୋଇଛି, ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଦଳ ଭବିଷ୍ୟତ ନିମନ୍ତେ ସେମାନଙ୍କର ଯୋଜନାଗୁଡ଼ିକୁ ସ୍ପଷ୍ଟ କରିବା ଉଚିତ, ଯଦ୍ୱାରା ହିତଧାରକମାନେ ଅର୍ଥପୂର୍ଣ୍ଣ ଭାବରେ ଏଥି ସମ୍ପର୍କିତ ଆଲୋଚନାରେ ଭାଗିଦାର ହୋଇ ପାରିବେ ।

# ସମାନ ନାଗରିକ ସଂହିତା

ଡ. ଶିଶିର କୁମାର କର

ଆମ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ଏଥୁରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍ ପ୍ରଭୃତି ବହୁଧର୍ମାବଲମ୍ବୀ ନାଗରିକ ବସବାସ କରୁଛନ୍ତି । ଏହାଛଡା ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ଜୈନ, ବୌଦ୍ଧ, ସୌର, ଅଲେଖ ଧର୍ମୀ ଶ୍ରଦ୍ଧାଳୁ ମଧ୍ୟ ଭାରତରେ ଅଛନ୍ତି । ତେଣୁ ବିଭିନ୍ନ ଧର୍ମର, ବର୍ଣ୍ଣର, ରଙ୍ଗର, ପୋଷାକ ପରିଚ୍ଛେଦର, ଖାଦ୍ୟପେୟର, ବିବାହ ଛାଡ଼ପତ୍ରର ବିଭିନ୍ନତା ଏଠାରେ ଦେଖିବାକୁ ମିଳେ। ସକଳ ବୈଷମ୍ୟ ମଧ୍ୟରେ ସାମ୍ୟ, ବିଭିନ୍ନତା ମଧ୍ୟରେ ଏକତା, ଅନୈକ୍ୟ ମଧ୍ୟରେ ଐକ୍ୟର ସାମ୍ୟ ସଙ୍ଗୀତ (**Unity in diversity**) ଏହି ଦେଶ ଅତୀତରୁ ଶୁଣାଇ ଆସିଛି । ତେଣୁ ଆମ ଦେଶକୁ ଶାନ୍ତି, ମୈତ୍ରୀ, ପ୍ରୀତିର ଆଧାର ବୋଲି କୁହାଯାଏ। ସୁସ୍ଥ ସହାବସ୍ଥାନର ଚାବିକାଠି ବୋଲି ଏହି ଆର୍ଯ୍ୟ ଭୂଖଣ୍ଡକୁ ବହୁ ଚିନ୍ତାନାୟକ କହିଛନ୍ତି । ହେଲେ ସମୟ ବଦଳିବା ସହିତ ଏହି ବିଭିନ୍ନତା ଆମର ଏକତା ରକ୍ଷାରେ ପ୍ରତିବନ୍ଧକ ସାଜିଛି ।

ଆସନ୍ତା ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନରେ ସମାନ ନାଗରିକ ସଂହିତା (ୟୁନିଫର୍ମ ସିଭିଲ୍ କୋଡ । ୟୁସିସି) ବିଲ୍ ଆସିବା କଥା ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିପାଇଁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସମସ୍ତ ବିରୋଧୀ ଦଳ ଫଳପ୍ରଦ ଆଲୋଚନାରେ ସାମିଲ୍ ହେବାପାଇଁ ଅନୁରୋଧ କରିଛନ୍ତି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ 'ଲ' କମିଶନ ବିଭିନ୍ନ ବର୍ଗର ମତାମତ ଲୋଡ଼ି ଥିଲାବେଳେ ୮ ଲକ୍ଷରୁ ଅଧିକ ମତାମତ ଆସି ସାରିଲାଣି । ଏଥପାଇଁ ସରକାରଙ୍କର ଲୋକ ସଭାରେ ବହୁମତ ଥିଲେ ମଧ୍ୟ ରାଜ୍ୟସଭାରେ ନାହିଁ । ତଥାପି କେନ୍ଦ୍ର ସରକାର 'ତିନି ତଲାକ୍' ଓ '୩୭୦ ଧାରା' ଉଚ୍ଛେଦ ଭଳି ବିବାଦୀୟ ବିଲକୁ ପାସ୍ କରାଇ ନେଇଥିଲେ । ରାଜ୍ୟସଭାରେ ମୋଟ କ୍ଷମତା ୨୪୫ ହୋଇ ଥିବାବେଳେ ବର୍ତ୍ତମାନ ୨୩୭ ଜଣ ସଦସ୍ୟ ଅଛନ୍ତି । ୮ଟି ସ୍ଥାନ ଖାଲି ରହିଛି । ତେଣୁ ସରକାରଙ୍କୁ ୧୧୯ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ବର୍ତ୍ତମାନ ବିଜେପି ଓ ତାଙ୍କର ସମସ୍ତ ସହଯୋଗୀ ଦଳ ପାଖରେ ୧୦୯ ଜଣ ସାଂସଦ ଅଛନ୍ତି । ବହୁମତ ପାଇଁ ଏନ.ଡ଼ିଏ.କୁ ୧୦ଜଣ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ଆମ୍ ଆଦମି ପାର୍ଟିର ୧୦ ଜଣ ସାଂସଦ ଅଛନ୍ତି । ବିଜେଡ଼ି ପାଖରେ ମଧ୍ୟ ୯ ଜଣ ସାଂସଦ ରହିଛନ୍ତି । ବି.ଆର.ଏସ୍ ପାଖରେ ସାତଜଣ ସାଂସଦ ରାଜ୍ୟ ସଭାରେ ମହଜୁଦ୍ ଅଛନ୍ତି । ଏମାନଙ୍କର ସମର୍ଥନ ମିଳିଲେ ବିଲଟି ପାସ ହୋଇଯିବ ।

ଏହା ପାସ୍ ହେଲେ କୌଣସି ଧାର୍ମିକ ଅନୁଷ୍ଠାନ ବା ସଂପ୍ରଦାୟ ସାମ୍ବିଧାନିକ ମୂଲ୍ୟବୋଧକୁ ଉଲଙ୍ଘନ କରିପାରିବେ ନାହିଁ । ଏହି ଧାରଣାକୁ ଧ୍ୟାନରେ ରଖି ସମ୍ବିଧାନ ନିର୍ମାତାମାନେ ଦୀର୍ଘ ଦିନର ବିତର୍କ ପରେ ଧାରା ୪୪ରେ ଉଲ୍ଲେଖ କରିଥିଲେ ଯେ ସମୟକ୍ରମେ ଭାରତର ସମସ୍ତ ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ କରିବାର ପ୍ରୟାସ କରାଯାଇ ପାରିବ । ସମ୍ବିଧାନ ସଭାରେ ଜବାହାରଲାଲ ନେହୁରୁ, ବାବା ସାହେବ ଆମ୍ବେଦକର ଏବଂ ପରେ ରାମ ମନୋହର ଲୋହିଆ ମଧ୍ୟ ସିଦ୍ଧାନ୍ତ ସପକ୍ଷରେ ଯୁକ୍ତି କରିଥିଲେ ।

ସମାନ ନାଗରିକ ସଂହିତାର ଭିତିରି ଅର୍ଥ କ'ଣ ? ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଓ ପାରିବାରିକ ସମ୍ପତ୍ତି ପରି ବିଷୟରେ ହିନ୍ଦୁ, ମୁସଲମାନ, ପାର୍ସୀ, ଖ୍ରୀଷ୍ଟିୟାନଙ୍କ ପାଇଁ ସମସ୍ତ ବ୍ୟକ୍ତିଗତ ଆଇନ୍ କାନୁନକୁ ରଦ୍ଦ କରି ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ଏହିସବୁ ବିଷୟରେ ଏକ ପ୍ରକାର ଆଇନ୍ ପ୍ରଣୟନ ହେବ । ଯେପରି ଅପରାଧକ ମାମଲା, ଟିକସ ପାଇଁ ଗୋଟିଏ ଆଇନ୍ ରହିଛି, ସେହିପରି ପାରିବାରିକ ମାମଲା ପାଇଁ ସର୍ବଭାରତୀୟ ସ୍ତରରେ ଗୋଟିଏ 'ଲ' ରହିବ । ଫଳରେ ହିନ୍ଦୁ, ମୁଲସମାନ, ଖ୍ରୀଷ୍ଟିୟାନ, ଶିଖ୍ ବିଭିନ୍ନ ଧର୍ମାଭିମୁଖୀ ବ୍ୟକ୍ତିଙ୍କୁ ବିବାହ କଲେ ଦ୍ୱନ୍ଦ୍ୱ ଉଠିବ ନାହିଁ । ବର୍ତ୍ତମାନ ଏପରି ହେଉଛି ହିନ୍ଦୁ ଝିଅଟିଏ ମୁସଲମାନ ପୁଅକୁ ବିବାହ କଲାପରେ ବିଭିନ୍ନ ସମସ୍ୟା ଦେଖାଯାଉଛି ।

ଛାଡ଼ପତ୍ର ଦେଲାବେଳେ ହିନ୍ଦୁ ଝିଅଟି ଖୋରାକ୍ ପୋଷାକ ମାଗିଲା ବେଳେ ମୁସଲମାନ ପୁଅଟି ଦେଉନାହିଁ । ଏସବୁ କନ୍ଦଳ ଉପୁଯିବ ନାହିଁ । ହିନ୍ଦୁମାନଙ୍କ ଭିତରେ ବିଭିନ୍ନ ଜନଜାତିର ବିବାହ ସମୟରେ ସମ୍ପତ୍ତି ଓ ଅଧିକାର ପାଇଁ ବିଭିନ୍ନ ପ୍ରଥା ରହିଛି। ସେସବୁର ମଧ୍ୟ ପୂର୍ଣ୍ଣଛେଦ ପଡିବ। ଏହି 'ଏକକ ନାଗରିକ ସଂହିତା' ବର୍ତ୍ତମାନର ପରିସ୍ଥିତି ପାଇଁ ସାମ୍ବିଧାନିକ ଦୃଷ୍ଟିରୁ ଉପଯୁକ୍ତ ମନେହୁଏ । ଏଥିପାଇଁ ବିଭିନ୍ନ ଧର୍ମାବଲମ୍ବୀ ମାନଙ୍କର ବଡ଼ ପଦପଦବୀରେ ଥିବା ଧର୍ମଗୁରୁମାନଙ୍କ ସହିତ ବିଚାର ବିମର୍ଶ ହେବା ଆବଶ୍ୟକ । ବିଭିନ୍ନ ମହିଳା, ଶିଶୁ, ଉତ୍ତରାଧିକାରୀ ଏହାଦ୍ୱାରା ଲାଭବାନ ହେବେ । ହେଲେ ରକ୍ଷଣଶୀଳ ମୌଳବାଦୀମାନେ ଏହି ବିଲକୁ ପାସ୍ କରାଇବାରେ ନିଶ୍ଚୟ ପ୍ରତିବନ୍ଧକ ସାଜିବେ । କିଛି ବିରୋଧୀ ଦଳ ବିରୋଧ ପାଇଁ ବିରୋଧ କରିବେ । ମୁସଲମାନ ପୁରୁଷ ମାନଙ୍କର ବହୁ ବିବାହ ପ୍ରଥା, ତିନି ତଲାକ ପ୍ରଥା, ହିନ୍ଦୁମାନଙ୍କର ବାଲ୍ୟ ବିବାହ ପ୍ରଥା, ସତୀଦାହ ପ୍ରଥା, ଦେବଦାସୀ ପ୍ରଥାକୁ ଆଗରୁ ବେଆଇନ୍ ଘୋଷଣା କରା ଯାଇଛି। ତଥାପି ଏହା ଲୁକ୍କାୟିତ ଭାବରେ ଚାଲିଛି । ଏହି ବିଲ ପାସ୍ ହେଲେ ଏହି ଅମାନବୀୟ ଅନ୍ଧକାର ଦୂରିଭୂତ ହେବ ।

ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଇସ୍‌ଲାମିକ୍ 'ଲ' - ସରିଆତ୍, ଶିଖ୍ ମାନଙ୍କର ଛାଡ଼ପତ୍ର ବିହୀନ ବିବାହ ପ୍ରଥା, ପାର୍ସୀ ମ୍ୟାରେଜ୍ ଆଣ୍ଡ୍ ଡାଇଭର୍ସ ଆକ୍ଟରେ ଥିବା ପାର୍ସୀ ଧର୍ମର ମହିଳା ଅନ୍ୟ ଧର୍ମୀଙ୍କୁ ବିବାହ କଲେ ସେ ପାର୍ସୀ ପରମ୍ପରା ଓ ଅଧିକାରରୁ ବଞ୍ଚିତ ହେବେ । ଖ୍ରୀଷ୍ଟିୟାନ ମହିଳା ତାଙ୍କ ମୃତ ସନ୍ତାନର ସମ୍ପତ୍ତିକୁ ଲାଭ ନକରିପାରିବା ପ୍ରଭୃତି ଅମାନବିକ ଚିନ୍ତାଧାରା ଦୂର ହେବ । ତେଣୁ ୟୁସିସି କାର୍ଯ୍ୟକାରୀ ହେଲେ ଏହି ଅସମତା ରହିବ ନାହିଁ ।

'ଶ୍ରୀ' ନିବାସ ଶ୍ରୀକଣ୍ଠପୁର,
ବାଲେଶ୍ୱର
ମୋ. ୯୭୭୮୫୪୩୮୯୭

# ଶିରୋନାମାରେ ଟମାଟୋ

ସୌଭାଗ୍ୟ ରଂଜନ ମହାନ୍ତି

ବର୍ଷାଦିନ ଆସିଲେ ଆମ ରାଜ୍ୟ ତଥା ଦେଶରେ ବିଭିନ୍ନ ପନିପରିବାର ମୂଲ୍ୟ ବୃଦ୍ଧି ଘଟିଥାଏ। ଲଗାଣ ବର୍ଷାରେ ଫୁଲ ଝଡିପଡିବା, ଫଳ ପଚିସଢିବା ଯୋଗୁଁ ଉତ୍ପାଦନ ଆଶାତୀତ ଭାବେ ହ୍ରାସ ପାଇଥାଏ। ତେବେ ଚାହିଦା ମୁତାବକ ଉତ୍ପାଦନ କମିଯାଇଥିବାରୁ ପନିପରିବା ଦରବୃଦ୍ଧି ପାଇବା ସ୍ୱଭାବିକ। ମାତ୍ର ଟମାଟୋର ଦର ଯେପରି ରାତାରାତି ସାରା ଦେଶରେ ୧୦୦ଟଙ୍କା ଟପିଲା, ସେଥିରେ ଯେ କେହି ବିସ୍ମିତ ହେବା ସ୍ୱଭାବିକ। ଆମେ ଏଠାରେ କହି ରଖିଛୁ ଯେ, ରବିବାର ଦିନ ଜୋରରେ ଟମାଟୋ କିଲୋ ୨୫ରୁ ୩୦ଟଙ୍କାରେ ବିକ୍ରି ହେଉଥିବାବେଳେ ସୋମବାର ଦିନ ହଠାତ୍ ୧୦୦ଟଙ୍କାକୁ ଅତିକ୍ରମ କରିଛି। କେବଳ ଆମ ରାଜ୍ୟରେ ନୁହେଁ, ସାରା ଦେଶର ବିଭିନ୍ନ ଅଂଚଳରେ ଟମାଟୋ କିଲୋ ପିଛା ମୂଲ୍ୟ ୧୦୦ରୁ ୧୨୦ ଟଙ୍କାରେ ବିକ୍ରୀ ହେଉଥିବା ରିପୋର୍ଟ ପ୍ରକାଶ ପାଇଛି। ପନିପରିବାର ଦରବୃଦ୍ଧି ହାଣ୍ଡିଶାଳ ଉପରେ ଚଡକ ସଦୃଶ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଆମ ରାଜ୍ୟରେ ଚାହିଦା ଅନୁସାରେ ଟମାଟୋ ଉତ୍ପାଦନ ହୋଇପାରୁନଥିବାରୁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । ବିଶେଷ କରି ବେଙ୍ଗାଲୁରରୁ ଟମାଟୋ ଆମଦାନୀ ହୋଇଥାଏ। ଯାହାକି ଚାହିଦା ମେଂଟାଇଥାଏ। ଆମ ରାଜ୍ୟରେ ଟମାଟୋ ଏକ ଶୀତଦିନିଆ ଫସଲ ଭାବେ ପରିଚିତ। କେବଳ କୋରାପୁଟ ଓ ଦାରିଙ୍ଗବାଡିକୁ ଛାଡିଦେଲେ ଖରାଦିନେ ଅନ୍ୟ କେଉଁଠି ବିଲାତି ବାଇଗଣ ବା ଟମାଟୋ ଚାଷ ହୋଇନଥାଏ। ତେଣୁ ଅନ୍ୟ ରାଜ୍ୟ ଉପରେ ରାଜ୍ୟର ଖାଉଟି ନିର୍ଭର କରିଥାନ୍ତି। ଶୀତଦିନେ ଆମ ରାଜ୍ୟରେ ଏତେ ପରିମାଣର ଟମାଟୋ ଚାଷ ହୋଇଥାଏ ଯେ, ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥାଏ। ପରିସ୍ଥିତି ଏପରି ହୋଇଥାଏ ଯେ, ଅନେକ ଚାଷୀ ଜମିରୁ ଟମାଟୋ ତୋଳିବାକୁ ଯାଇନଥାନ୍ତି। ଆହୁରି ମଧ୍ୟ ହାଟ ବଜାରରେ କିଲୋ ପିଛା ୫୦ ପଇସାରୁ ଟଙ୍କାଏରେ ବିକ୍ରି କରିବାକୁ ବାଧ୍ୟ ହୋଇଥାଏ। ତହିଁରେ ଚାଷୀର ଖର୍ଚ୍ଚ ଉଠିବା ତ ଦୂରର କଥା, ଦିନକର ମଜୁରୀ ମଧ୍ୟ ମିଳିନଥାଏ। ଅନେକ ସମୟରେ ଚାଷୀ ସରକାରୀ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଉଦାସୀନତାର ପ୍ରତିବାଦରେ ରାସ୍ତା ଉପରେ କ୍ୱିଂଟାଲ ଟମାଟୋ ଢାଳି ଦେଇଥିବା ବହୁ ନଜୀର ରହିଛି। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୨-୨୩ ଆର୍ଥୀକ ବର୍ଷରେ ରାଜ୍ୟରେ ୯୩ହଜାର ୯୮୦ ହେକ୍ଟର ଜମିରେ ଟମାଟୋ ଚାଷ ହୋଇଥିବାବେଳେ ୧୪ଲକ୍ଷ ୩୩ହଜାର ମେଟ୍ରିକ ଟନ୍ ଉତ୍ପାଦିତ ହୋଇଥିଲା। ଅମଳ ସମୟରେ ଖାଉଟିଙ୍କ ଚାହିଦା କମ୍ ରହିଥିବାବେଳେ ଦର ମଧ୍ୟ କମ ରହିଥିଲା। ସଂରକ୍ଷଣ ଓ ବଜାର(ମାର୍କେଟିଂ) ବ୍ୟବସ୍ଥା ନଥିବାରୁ ଟନଟନ ଟମାଟୋ ନଷ୍ଟ ହୋଇଥିଲା। ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଚାଷୀ ବ୍ୟାପକ କ୍ଷତି ସହିଥିଲା। ବିହନ ଓ ସାରର ମୂଲ୍ୟ ମଧ୍ୟ ଉଠିନଥିବା ଅଭିଯୋଗ ହୁଏ। ଶୀତ ଦିନିଆ

ଟମାଟୋରେ କ୍ଷତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଚାଷୀ ଖରାଦିନିଆ ଟମାଟୋ ଚାଷ କରିବାକୁ ବିମୁଖ। ସରକାର ଟମାଟୋ ଚାଷ ପାଇଁ ହେକ୍ଟର ପିଛା ୨୦ହଜାର ଟଙ୍କା ସହାୟତା ଦେଉଥିଲେ ମଧ୍ୟ ଚାଷୀ ଅନାଗ୍ରହୀ ଏହାର କାରଣ ହେଉଛି, ରାଜ୍ୟରେ ଅତ୍ୟାଧୁନିକ ଶୀତଳ ଭଣ୍ଡାର ନାହିଁ କି ଟମାଟୋ ଦୀର୍ଘଦିନ ସଂରକ୍ଷଣ ପାଇଁ ବ୍ୟବସ୍ଥା ନାହିଁ। ଆହୁରି ମଧ୍ୟ ଟମାଟୋ ସରକାର କିଣି ସଂରକ୍ଷିତ କରି ରଖିବା ପାଇଁ ମଣ୍ଡି ବ୍ୟବସ୍ଥା ମଧ୍ୟ ନାହିଁ। ପ୍ରଶ୍ନ ଉଠେ, ରାଜ୍ୟରେ ଚାଷ ଓ ଚାଷୀର ବିକାଶ ପାଇଁ ସରକାର ସ୍ୱତନ୍ତ୍ର କୃଷି ବଜେଟ କରିଛନ୍ତି। ଇତି ମଧ୍ୟରେ କୃଷି ବଜେଟର ଆକାର ଦ୍ୱିଗୁଣ ହେଲାଣି। ମାତ୍ର ରାଜ୍ୟରେ ଅତ୍ୟାଧୁନିକ ଶୀତଳ ଭଣ

ବିନୋଦନ

ବିନୋଦନ

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

# ମୁଁ କାହାକୁ କେବେ ଧୋକା ଦେଇନି; ମୋତେ ସମସ୍ତେ ଦେଇଛନ୍ତି

ଟୁଲ୍‌ବୁଲି ଅଭିନେତ୍ରୀ ସେହନାଜ୍ କୌର ଗିଲ୍ କିଛି ନା କିଛି କାରଣ ପାଇଁ ସୋସିଆଲ୍ ମିଡିଆରେ ଚର୍ଚ୍ଚାର ପରିସରକୁ ଆସିଥାନ୍ତି । ସେ ତାଙ୍କ ବୃତ୍ତିଗତ ଜୀବନକୁ ନେଇ ବେଶ୍ ବ୍ୟସ୍ତ ରହିଥାନ୍ତି । ତାହାଠାରୁ ବି ଅଧିକ ଚର୍ଚ୍ଚାରେ ରହିଥାନ୍ତି ନିଜର ବ୍ୟକ୍ତିଗତ ଜୀବନ ପାଇଁ । ଆପଣ ଜାଣନ୍ତି ଯେ ଦିବଗଂତ ଅଭିନେତା ସିଦ୍ଧାର୍ଥ ଶୁକ୍ଳାଙ୍କ ସହ ଥିବା ପ୍ରେମ ସଂପର୍କ ପାଇଁ ସେହେନାଜ୍ ଖୁବ୍ ଅଧିକ ଚର୍ଚ୍ଚାରେ ରହିଛନ୍ତି । ତେବେ ପୂର୍ବରୁ ତାଙ୍କ ନାମ ଭାରତୀୟ ନୃତ୍ୟଶିଳ୍ପୀ ରାଘବ ଜୁଏଲଙ୍କ ସହ ବି ଯୋଡ଼ା ହୋଇଥିଲା । ନିକଟରେ ସେ ତାଙ୍କର ହୃଦୟ ବିଦାରକ ଅଭିଜ୍ଞତାକୁ ପ୍ରଶଂସକଙ୍କ ସହ ବାଣ୍ଟିଛନ୍ତି । ନିକଟରେ ଏକ ସାକ୍ଷାତକାରରେ ସେ ନିଜ ଜୀବନରେ ଆସିଥିବା ଭଲପାଇବାକୁ ନେଇ ଖୁଲମଖୁଲା ମତ ରଖିଛନ୍ତି । ସେ କହିଛନ୍ତି କି ପୂର୍ବରୁ ବାରମ୍ବାର ପ୍ରେମରେ ବିଫଳ ହେବା କାରଣରୁ ସେ ଆଜି ସେହି ଦିଗ ପ୍ରତି ଧ୍ୟାନ ଦେଉନାହାନ୍ତି । ପ୍ରେମକୁ ନେଇ ତାଙ୍କ ମନରେ ନକାରାତ୍ମକ ଭାବନା ରହିଛି । ସେହନାଜ ଆହୁରି ବି କହିଛନ୍ତି ଯେ ସେ ଏପରି ଜଣକୁ ପାଇବାକୁ ଚାହାନ୍ତି ଯିଏକି ତାଙ୍କୁ କେବେ ବି ଛାଡ଼ିକି ଯବେ ନାହିଁ । କାରଣ ପୂର୍ବରୁ ସେ ଯାହାଙ୍କୁ ବି ପ୍ରେମ କରିଛନ୍ତି ସେ ସମସ୍ତେ ତାଙ୍କୁ ଛାଡ଼ିକି ଚାଲି ଯାଇଛନ୍ତି । ସେହେନାଜ୍ ଆହୁରି ବି କହିଛନ୍ତି ଯେ ସେ କେବେ କାହା ସହିତ ବିଶ୍ୱାସଘାତକତା କରିନାହାଁନ୍ତି କିନ୍ତୁ ତାଙ୍କୁ ସଂପର୍କରେ ବାରମ୍ବାର ଧୋକା ମିଳିଛି ।

# ଅନୁପ ଜାଲୋଟା ଓ ଏଲ୍ ନୀତେଶ କୁମାରଙ୍କ 'ଭଜନ ପରମ୍ପରା' ଆଲବମ୍ ପାଇଲା କ୍ଲେଫ୍ ମ୍ୟୁଜିକ ଆୱାର୍ଡ

ପ୍ରସିଦ୍ଧ ଭଜନ ଓ ଶାସ୍ତ୍ରୀୟ ସଂଗୀତ ଗାୟକ ଅନୁପ ଜାଲୋଟା ଏବଂ ତାଙ୍କର ଶିଷ୍ୟ ଏଲ୍ ନୀତେଶ କୁମାରଙ୍କ ଆଲବମ୍ "ଭଜନ ପରମ୍ପରା"କୁ ଭକ୍ତିସଂଗୀତ ବିଭାଗରେ ଶ୍ରେଷ୍ଠ ଆଲବମ୍ ଭାବେ କ୍ଲେଫ୍ ମ୍ୟୁଜିକ ଆୱାର୍ଡ ପ୍ରଦାନ କରାଯାଇଛି । ରେଡିଓ ମ୍ୟୁଜିକ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା କ୍ଲେଫ୍ ମ୍ୟୁଜିକ ଆୱାର୍ଡର ଭକ୍ତିସଂଗୀତ ବିଭାଗରେ ଶ୍ରେଷ୍ଠ ସ୍ଥାନ ଲାଭ କରିଥିବା "ଭଜନ ପରମ୍ପରା" ଆଲବମର କଣ୍ଠଶିଳ୍ପୀ ଏଲ୍ ନୀତେଶ କୁମାରଙ୍କ ଘର ଓଡ଼ିଶାରେ । ସେ ମୁମ୍ବାଇରେ ରହି ପଦ୍ମଶ୍ରୀ ଅନୁପ ଜଲୋଟାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଭଜନ ଗାୟନର ସ୍ୱତନ୍ତ୍ର ତାଲିମ ନେଉଛନ୍ତି । ସଙ୍ଗୀତ ଜଗତର ଜଣାଶୁଣା କଳାକାର ଡକ୍ଟର ଏଲ୍ ସୁବ୍ରମଣ୍ୟମ୍, ସୁଦେଶ ଭୋଁସଲେ, ସୋନୁ ନିଗମ ଉପସ୍ଥିତିରେ ଏହି ପୁରସ୍କାର ଏଲ୍ ନୀତେଶ କୁମାର ମୁମ୍ବାଇରେ ଅନୁଷ୍ଠିତ ରଙ୍ଗରଙ୍ଗ ଉତ୍ସବରେ ଗ୍ରହଣ କରିଥିଲେ । ଏହି ପୁରସ୍କାର ପାଇବା ପରେ ନିତେଶ ବହୁତ ଖୁସି ଏବଂ ସେ ତାଙ୍କର ଗୁରୁ, ପିତାମାତା ଏବଂ ତାଙ୍କୁ ଭଲ ପାଉଥିବା ଶ୍ରୋତାମାନଙ୍କୁ ଏଥିପାଇଁ ଶ୍ରେୟ ଦେଇଛନ୍ତି । ଏଥିସହ ସେ କହିଛନ୍ତି ଯେ ଗୁରୁଜୀ ଅନୁପ ଜାଲୋଟାଙ୍କ ଆଶୀର୍ବାଦ ହେତୁ ଏହି ସଫଳତା ମିଳିଛି । ତାଙ୍କ ମାର୍ଗଦର୍ଶନରେ ମୁଁ କିଛି ଭଲ କରିବାକୁ ସକ୍ଷମ ହୋଇଛି । ଭବିଷ୍ୟତରେ ଅଧିକ ଭଲ କାମ କରିବା ପାଇଁ ଏହି ପୁରସ୍କାର ମୋ ପାଇଁ ଉତ୍ସାହର ଉତ୍ସ ହେବ । ଟି-ସିରିଜ ବ୍ୟାନରରେ ପ୍ରସ୍ତୁତ 'ଭଜନ ପରମ୍ପରା' ଆଲବମକୁ ରାମାନନ୍ଦ ସାଗରଙ୍କ "ରାମାୟଣ"ରେ ଶ୍ରୀରାମ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଅରୁଣ ଗୋଭିଲ୍ ଉନ୍ମୋଚନ କରିଥିଲେ । କେବଳ ଟି-ସିରିଜ୍ ନୁହେଁ, ଟାଇମ୍ସ ମ୍ୟୁଜିକ୍, ଶେମାରୋ ମ୍ୟୁଜିକ୍, ଅଲଟ୍ରା ମ୍ୟୁଜିକ୍, ପେନ୍ ଭକ୍ତି, ବାବା ମ୍ୟୁଜିକ୍ ଇତ୍ୟାଦି କମ୍ପାନୀରେ ମଧ୍ୟ ନୀତେଶଙ୍କ ଭଜନ ଉପଲବ୍ଧ ।

# ରିଲିଜ୍ ପୂର୍ବରୁ ୫୦୦ କୋଟି ଆୟ କଲା ଶାହରୁଖଙ୍କ ଅଭିନୀତ ଫିଲ୍ମ 'ଡଙ୍କି' ଓ 'ଯବାନ'

୨୦୨୩ରେ ଫିଲ୍ମ 'ପଠାନ' ସହିତ ଦୀର୍ଘ ବର୍ଷ ପରେ ଶାହାରୁଖ ଖାନ ବଡ ପରଦାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଚଳଚ୍ଚିତ୍ର ୨୦୨୩ରେ ଭଲ ବ୍ୟବସାୟ କରିଥିବା ଫିଲ୍ମ ମଧ୍ୟରୁ ଗୋଟିଏ । ପଠାନ ଏକ ବ୍ଲକବଷ୍ଟର ହିଟ୍ ବୋଲି ପ୍ରମାଣିତ ହୋଇଥିବା ବେଳେ ବର୍ତ୍ତମାନ ଶାହାରୁଖଙ୍କ ଫିଲ୍ମ 'ଯବାନ' ଏବଂ 'ଡଙ୍କି'କୁ ନେଇ ପ୍ରଶଂସକମାନେ ଅଧିକ ଉତ୍ସାହିତ ଅଛନ୍ତି । ଏହି ଦୁଇଟି ଚଳଚ୍ଚିତ୍ର ରିଲିଜ୍ ପୂର୍ବରୁ ମଧ୍ୟ କୋଟି କୋଟି ଟଙ୍କାର ବ୍ୟବସାୟ କରିଥିବା ସାମ୍ନାକୁ ଆସିଛି । ମିଳିତ ଭାବେ ଉଭୟ ଚଳଚ୍ଚିତ୍ର ୫୦୦କୋଟିର ବ୍ୟବସାୟ କରିସାରିଲାଣି । ପିଙ୍କଭିଲ୍ଲା ରିପୋର୍ଟ ଅନୁଯାୟୀ, ଶାହାରୁଖ ଖାନଙ୍କ ଅଭିନୀତ ଫିଲ୍ମ 'ଯବାନ'ର ସାଟେଲାଇଟ, ଡିଜିଟାଲ ଏବଂ ମ୍ୟୁଜିକ ରାଇଟ୍ସ ୨୫୦କୋଟିରେ ବିକ୍ରି ହୋଇଥିବା ବେଳେ 'ଡଙ୍କି'ର ସାଟେଲାଇଟ, ଡିଜିଟାଲ ଏବଂ ମ୍ୟୁଜିକ ରାଇଟ୍ସ ୨୩୦କୋଟିରେ ବିକ୍ରି ହୋଇଛି । 'ଯବାନ' ଏବଂ 'ଡଙ୍କି' ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି, କାରଣ 'ଯବାନ'କୁ ତାମିଲ ଏବଂ ତେଲୁଗୁ ଭାଷାରେ ଡବ୍ କରାଯାଇଛି । ଉଭୟ ଚଳଚ୍ଚିତ୍ର ରିଲିଜ୍ ପୂର୍ବରୁ ପ୍ରାୟ ୫୦୦କୋଟି ବ୍ୟବସାୟ କରିସାରିଛି । ବିଶେଷ କଥା ହେଉଛି ଉଭୟ ଫିଲ୍ମ ଶାହରୁଖ ଖାନଙ୍କ ପ୍ରଡକ୍ସନ୍ ହାଉସ୍ ରେଡ୍ ଚିଲିସ୍ ଏଣ୍ଟରଟେନମେଣ୍ଟ ଅଧୀନରେ ନିର୍ମିତ ହୋଇଛି । ଶାହରୁଖ ଖାନଙ୍କ ଅଭିନୀତ ଫିଲ୍ମ 'ଯବାନ' ବିଷୟରେ କହିବାକୁ ଗଲେ ଏଥିରେ ଶାହରୁଖ ଡବଲ ରୋଲ୍ କରିବେ । ଏହି ଚଳଚ୍ଚିତ୍ରରେ ନୟନତାରା ଏବଂ ବିଜୟ ସେଥୁପତି ତାଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ଚଳଚ୍ଚିତ୍ର ସେପଟେମ୍ବର ୭ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଅନ୍ୟପକ୍ଷରେ 'ଡଙ୍କି' ଖ୍ରୀଷ୍ଟମାସ ୨୦୨୩ରେ ବଡ ପରଦାରେ ମୁକ୍ତିଲାଭ କରିବ ।

# ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ଡ଼କ୍ଟର ପ୍ରତାପ ନାୟକ

ଓଡିଶାର ଶିକ୍ଷା, ଖେଳ, ସାହିତ୍ୟ, କଳା ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଡ଼କ୍ଟର ପ୍ରତାପ ନାୟକ । ୧୯୬୨ ମସିହାରେ ସେ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆଗଡ଼ିଆ ପଂଚାୟତ ର ଚିରଳ ଗ୍ରାମରେ ଜନ୍ମଲାଭ କରନ୍ତି । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଏମ ଏ, ପି ଏଚ ଡି ଓ ଏମ ବି ଏ । ପତ୍ନୀ ଅବସରପ୍ରାପ୍ତ ପ୍ରାଧ୍ୟାପିକା କଳ୍ପନା ମହାପାତ୍ର, ଦୁଇ ପୁତ୍ର ପ୍ରଭୁ କଲ୍ୟାଣ ଓ ପରମ କଲ୍ୟାଣ ଙ୍କୁ ନେଇ ପରିବାର ଆଗେଇ ଚାଲିଛି । ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ କାବ୍ୟ କବିତା ର ସମ୍ଭାର ସମ୍ପର୍କରେ ଡ଼କ୍ଟର ନାୟକ ଗବେଷଣା କରିଛନ୍ତି । ଯେତେବେଳେ ସେ ଛାତ୍ର ଥିଲେ ସେତେବେଳେ ସେ ପ୍ରଥମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରେ କାର୍ଯ୍ୟ କରିଥିଲେ । ୧୯୮୫ ମସିହାରେ ପ୍ରଥମେ ତାଙ୍କର ଅଧ୍ୟାପକ ଜୀବନ ଆରମ୍ଭ ହୁଏ ଇତିହାସ ବିଭାଗ ରେ ତୃପ୍ତି ମହିଳା ମହାବିଦ୍ୟାଳୟ, ବାସୁଦେବପୁରରେ । ୧୯୮୭ ରେ ଅଟଳବିହାରୀ କଲେଜରେ ସେ ପିଲାଙ୍କୁ ପାଠ ପଢ଼ାଉଥିଲେ । ସେତେବେଳେ ଏ ବି ଭି ପି ରେ ସେ ନଗର ସଭାପତି ଓ ଜିଲ୍ଲା ସହ ପ୍ରମୁଖ ଥିଲେ । ବାସୁଦେବପୁର ହନୁମାନ ବାଟିକାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସେ ଦୁଇ ଥର ସମ୍ପାଦକ ପଦବୀ ରେ ରହି ଗୁରୁତ୍ୱପୂର୍ଣ ଦାୟିତ୍ୱ ତୁଲାଇଥିଲେ । ବାଲେଶ୍ୱର ଜିଲ୍ଲାର ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁରରୁ ଡ଼କ୍ଟର ନାୟକ ଅଧ୍ୟକ୍ଷ ପଦରୁ ଅବସର ନେଇଛନ୍ତି । ଅନେକ ମେଧାବୀ ଛାତ୍ର ଛାତ୍ରୀ ସେ ତିଆରି କରିଛନ୍ତି । ବର୍ତମାନ ଡ଼କ୍ଟର ନାୟକ ରାଜନୀତି ରେ ପାଦ ଥାପିଛନ୍ତି ଏବଂ ଭାରତୀୟ ଜନତା ପାର୍ଟି ର ପ୍ରାଥମିକ ସଦସ୍ୟ ହୋଇଛନ୍ତି । ଆପଣ ରାଜନୀତି କୁ କାହିଁକି ଆସିଲେ ଏ ପ୍ରଶ୍ନ ର ଉତ୍ତର ଦେଇ ସେ କୁହନ୍ତି ମୁଁ ରାଜନୀତି ମାଧ୍ୟମରେ ସମାଜସେବା ଓ ଜନ କଲ୍ୟାଣ ମୂଳକ କାର୍ଯ୍ୟ ଠିକ ଭାବେ କରିପାରିବି । ମୋର ରାଜନୀତି ର ଆଦର୍ଶ ହେଲେ ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ । ବିଜେପିର ଓଡିଶା ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନ ମୋହନ ସାମଲଙ୍କ ପ୍ରେରଣା ରେ ମୁଁ ବିଜେପି ରେ ଯୋଗଦେଲି । ମୁଁ ଅଧ୍ୟକ୍ଷ ଥିଲାବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଦ୍ୱାରା ଅଧିକ ଅନୁପ୍ରାଣିତ ହୋଇଥିଲି । ଭାରତ ବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ ଓ ସଫଳ ଯୋଜନା ଆମକୁ ଅଧିକ ପ୍ରେରଣା ଦେଇଛି । ଜାତୀୟ ସ୍ତରରେ ଇତିହାସ ସଂକଳନ ସମିତି ର ଆଜୀବନ ସଦସ୍ୟ ଅଛନ୍ତି ଡ଼କ୍ଟର ନାୟକ । ଡ଼କ୍ଟର ନାୟକଙ୍କର ଲକ୍ଷ୍ୟ

ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପୁରୁଣା କର୍ମକର୍ତ୍ତାଙ୍କୁ ନେଇ ରାଷ୍ଟ୍ରୀୟ ବିଚାର ରେ ସାମିଲ କରିବା ସହିତ ସମସ୍ତଙ୍କୁ ଏକତ୍ର କରିବି ଓ ସଂଗଠନକୁ ସୁଦୃଢ କରିବି । ୨୦୨୪ ମସିହା ସାଧାରଣ ନିର୍ବାଚନ ରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜେପିର ବିଧାୟକ ପ୍ରାର୍ଥୀ ଭାବେ ଯଦି ଟିକେଟ ମିଳେ ତେବେ ମୁଁ ନିଶ୍ଚିତ ଲଢ଼ିବି ବୋଲି ଡ଼କ୍ଟର ନାୟକ ପ୍ରକାଶ କରିଛନ୍ତି । ସେ କୁହନ୍ତି, ମୁଁ ଜଣେ ଆଗଧାଡିର ଖେଳାଳି । ଟାଙ୍ଗରା ଭୂଇଁ ରେ ଖେଳିବା ଶିଖିଚି, ହାରିବା ଶିଖିଚି ଓ ଜିତିବା ଶିଖିଚି । ମୋର ଆଶା ସୁଦୂର ପ୍ରସାରି । ବର୍ତମାନ ରାଜନୀତିକୁ ଲକ୍ଷ୍ୟ କରି ଡ଼କ୍ଟର ନାୟକ କୁହନ୍ତି ଓଡିଶା ରାଜ୍ୟର ଶାସକ ଦଳର ଯେଉଁ ଅନ୍ୟାୟ ଓ ଦୁର୍ନୀତି ଚାଲିଛି ସେଥିପାଇଁ ମୁଁ କୌଣସି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରେ ନାହିଁ । ଶାସକ ଦଳ ଟଙ୍କା ଦେଇ ପ୍ରତ୍ୟେକ ନିର୍ବାଚନରେ ଜନସାଧାରଣଙ୍କଠାରୁ ଭୋଟ କିଣୁଛନ୍ତି । ଯାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ । ଆପଣଙ୍କ ଦୃଷ୍ଟିରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ କଣ କଣ ସମସ୍ୟା ରହିଛି, ଏହି ପ୍ରଶ୍ନ ର ଉତ୍ତର ଦେଇ ସେ କହନ୍ତି, ସବୁଠାରୁ ଦୁଃଖ ଓ ପରିତାପର ବିଷୟ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ । ଏଥିପାଇଁ ସ୍ଥାନୀୟ ବିଧାୟକଙ୍କର ଆନ୍ତରିକତା ନାହିଁ । ଦୀର୍ଘ ବର୍ଷ ଧରି ବସ ଷ୍ଟାଣ୍ଡ ହୋଇପାରୁନି । ଭାରତ ଇତିହାସର ଗୁରୁତ୍ୱପୂର୍ଣ ସ୍ଥାନ ରକ୍ତତୀର୍ଥ ଇରମରେ ପ୍ରତିଶ୍ରୁତିର ପାହାଡ଼ ଛିଡା ହେଉଛି, କିନ୍ତୁ ଆଖି ଦୃଶିଆ ଉନ୍ନତି ହୋଇପାରୁନି । ମହାତ୍ମା ଗାନ୍ଧୀ ଓ ଉତ୍କଳ ମଣି ଗୋପବନ୍ଧୁ ଙ୍କ ର ପାଦ ପଡ଼ିଥିବା ସ୍ଥାନ ଚାରିବାଟିଆରେ ବିଶେଷ ଉନ୍ନତି ହୋଇନି । ଚାରିବାଟିଆ ରେ ମନ୍ତେଇ ନଦୀ ର ପୋଲ ହେଉ କିମ୍ବା ବାଲିଆ ପାଳ ଘାଟ ରେ ପୋଲ ହେଉ ଏହା କେବଳ ନିର୍ବାଚନ ପ୍ରତିଶ୍ରୁତିରେ ହିଁ ରହିଯାଇଛି । ବିଜୁ ଜନତା ଦଳ ର ଦୀର୍ଘ ବର୍ଷ ଧରି ଶାସନ ଚାଲିଛି, ଉନ୍ନତି କାହିଁ । ଏଠାରେ ଲୋକମାନେ ଦେଶ ପାଇଁ ରକ୍ତ ଦେଇ ଶହୀଦ ହୋଇଛନ୍ତି । କିନ୍ତୁ ବାସୁଦେବପୁର ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟି ହୋଇ ମଧ୍ୟ ଅବହେଳିତ ହୋଇ ରହିଛି । ବର୍ତମାନ ବାସୁଦେବପୁର ପୌର ପାଳିକା, ତହସିଲ କାର୍ଯ୍ୟାଳୟ, ବ୍ଲକ, ମେଡିକାଲ, ଥାନା ପ୍ରଭୃତି ବିଭିନ୍ନ କାର୍ଯ୍ୟାଳୟ ରେ ଦୁର୍ନୀତି ବଢ଼ି ଚାଲିଛି । ପୌର ପାଳିକା ପକ୍ଷରୁ ଉଠା ଦୋକାନୀ ମାନଙ୍କୁ ଉଠାଇ ଦିଆ ଯାଇଛି, ତାଙ୍କୁ ଥଇଥାନ କରାଯାଇନି । ଆବାସ ଦୁର୍ନୀତି, ପାଇଖାନା ଦୁର୍ନୀତି, ରେସନ କାର୍ଡ ଦୁର୍ନୀତି, ନଦୀ ନାଳ, ଜମି, ଜଙ୍ଗଲ, ଖଣିଜ ସମ୍ପଦ ଦୁର୍ନୀତି ବଢ଼ି ଚାଲିଛି । କୋଟି କୋଟି ଲୋକଙ୍କ ମୁଣ୍ଡ ଉପରେ ଋଣ ଭାର ବୋଝ ହୋଇଗଲାଣି । ବର୍ତମାନ ମୋର ଓ ଆମ ସମସ୍ତଙ୍କର ଲକ୍ଷ୍ୟ ଏ ଶାସନର ତୁରନ୍ତ ପରିବର୍ତନ ଆବଶ୍ୟକ । ଭାରତ ର ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦିଙ୍କ ବୈଦେଶିକ ନୀତି ଓ ସାମରିକ ଦକ୍ଷତାକୁ ମୁଁ ଭୁୟସୀ ପ୍ରଶଂସା କରୁଛି ।

ଉପସ୍ଥାପନା : ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୭୦୦୮୬୪୧୮୫୨, ୯୯୩୭୯୭୭୩୫୧

# କେବଳ ନିରାମିଷ ଖାଦ୍ୟ ଖାଇ ଫିଟ୍ ରହିଛନ୍ତି ଏହି ସବୁ ସେଲିବ୍ରିଟି



କିଛି ଲୋକଙ୍କର ଧାରଣା ହେଉଛି ଆମିଷ ଖାଇବା ଦ୍ୱାରା ଶରୀର ଫିଟ୍ ରହିଥାଏ । ମାତ୍ର ଆମେ ଆଜି ଏପରି କିଛି ସେଲିବ୍ରିଟିଙ୍କ ବିଷୟରେ କହିବୁ, ଯାହାଙ୍କ ବିଷୟରେ ଜାଣିବା ପରେ ଆପଣଙ୍କ ମନରେ ବି ଯଦି ଏପରି ଭ୍ରାନ୍ତ ଧାରଣା ରହିଛି ତ ଦୂର ହୋଇଯିବ ।

ଆମେ ଯେଉଁ ତାରକାମାନଙ୍କ ବିଷୟରେ କହିବୁ, ସେମାନେ ପୂର୍ବରୁ ଆମିଷ ଖାଉଥିଲେ । ମାତ୍ର ଏବେ ସଂପୂର୍ଣ୍ଣ ମାଛ, ମାଂସ ତ୍ୟାଗ କରି ନିଜକୁ ଫିଟ୍ ରଖି ପାରିଛନ୍ତି ।

ଆପଣ ଜାଣିଥିବେ ଯେ ୨୦୨୦ ମସିହାରେ 'ପେଟା' ଶ୍ରଦ୍ଧା କପୁରଙ୍କୁ 'ହଟେଷ୍ଟ ଭେଜିଟେରିଆନ୍' ନାମ ଦେଇଥିଲା । ଶୁଣିବାକୁ ମିଳୁଛି ଯେ ଶ୍ରଦ୍ଧା କପୁର 'ପେଟା'ର 'କୁକ୍‌ବୁକ୍' ପଢ଼ି ଆମିଷ ଛାଡ଼ି ନିରାମିଷ ଖାଇବା ଆରମ୍ଭ କରିଥିଲେ । ଏବେ ସେ ସବୁବେଳେ ଘରର ନିରାମିଷ ଖାଦ୍ୟ ଖାଇବାକୁ ହିଁ ପସନ୍ଦ କରୁଛନ୍ତି ।

ଫିଟ୍‌ନେସ୍‌କୁ ନେଇ ଅଭିନେତା ସାହିଦ କପୁର କେତେ ଯତ୍ନବାନ ତାହା ସମସ୍ତେ ଜାଣନ୍ତି । ସେ ମଧ୍ୟ ଆମିଷ ଖଆନ୍ତି ନାହିଁ । ସାହିଦ ଜଣେ ଆମେରିକୀୟ ଲେଖକଙ୍କ କିଛି ପୁସ୍ତକ ପଢ଼ିବା ପରେ ଆମିଷ ଖାଦ୍ୟକୁ ବାୟ ବାୟ କରି ଦେଇଛନ୍ତି ।

ଏହି ତାଲିକାରେ ଅଭିନେତା ରିତେଶ ଦେଶମୁଖଙ୍କ ନାମ ମଧ୍ୟ ରହିଛି । ସେ ତାଙ୍କର ଏକ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସବୁବେଳେ ନିରାମିଷ ଖାଉଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ ।

ଅଭିନେତ୍ରୀ ତଥା ମଡେଲ୍ କଙ୍ଗନା ରାଣାଓ୍ୱତ ବି ନିରାମିଷ ଖାଆନ୍ତି । ସେ ଧାର୍ମିକ କାରଣରୁ ଆମିଷ ଖାଆନ୍ତି ନାହିଁ । ସେ ସୁଟିଂ ସେଟ୍‌ରେ ବି ଘରୁ ନେଇ ଯାଉଥିବା ଖାଦ୍ୟ ଖାଆନ୍ତି । ପୂର୍ବରୁ ଆମୀର ଖାନ୍ ଚିକେନ, ମାଛ, ମାଂସ ବଡ଼ ସଉକରେ ଖାଉଥିଲେ । ମାତ୍ର ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେ ଏବେ ତାହାକୁ ହାତ ବି ଲଗାଉନାହାନ୍ତି ।

ଅଭିନେତା ମାଧବାନ୍ ଓ ଅଭିନେତ୍ରୀ ଭୂମି ପେଡ୍‌ନେକର ବି ଆମିଷ ନ ଖାଉଥିବା କଳାକାରମାନଙ୍କ ତାଲିକାରେ ନିଜର ନାମ ଲେଖାଇଛନ୍ତି ।

# ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୦୬/୦୭ (ନି.ପ୍ର): ଆଜି ସକାଳେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା)ର ବୈଠକ କମିଟିର ଅଧକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଜିଲ୍ଲାପାଳ ଟଂଚଳ ରାଣା, ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ ଅଧକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ବୈଠକରେ ଜିଲ୍ଲାପାଳ ଟଂଚଳ ରାଣା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକ ଯେପରି ତୃଣମୂଳ ସ୍ତରରେ ପହଂଚିପାରିବ ସେଥିପ୍ରତି ଯତ୍ନବାନ ହେବାକୁ ଅଧକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତାକାମ ନିମ୍ନ ମାନର ହୋଇଥିବା ଅଭିଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାର ଗୁଣବତା ଉପରେ ସ୍ୱତନ୍ତ୍ର ଯାଂଚ୍ କରାଯିବା ନିମନ୍ତେ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର କମିଟିର ଅଧକ୍ଷାଙ୍କୁ ଅବଗତ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଏବଂ ହିତାଧିକାରୀ ମାନେ ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏକ ସୂଚନା ପତ୍ର ପ୍ରସ୍ତୁତ କରି ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରିବାକୁ କମିଟିର ଅଧକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅମୃତ ଯୋଜନାରେ ଅନ୍ତର୍ଗତ ମହାରାଣୀ ସାଗର ଏବଂ ଶିବ ବନ୍ଧରେ ଯଥା ଶୀଘ୍ର କାମ ଶେଷ କରିବା ସହ ଅନ୍ୟ ବନ୍ଧଗୁଡିକର ଡିପିଆର ଶେଷ କରିବାକୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଏମଜିଏନ ଆରଇଜିଏ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଞ୍ଚଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ତୁରେକେଲା ଲାଠୋର ଅନ୍ତର୍ଗତ ଟାଟା ପାୱାରର ୩୩ କେଭି ଲାଇନ ବିଛେଇବାକୁ ନେଇ ହୋଇଥିବା ଅସୁବିଧାକୁ ଯଥା ଶୀଘ୍ର ସମାଧାନ କରିବାକୁ ଟିପିଡବ୍ଲୁଓଡିଲ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରାବଣ ମାସରେ ଲୋକନାଥ ମନ୍ଦିରରେ ଜଳଲାଗି ବ୍ୟବସ୍ଥା ବୈଠକ ଅନୁଷ୍ଠିତ

ପୁରୀ, ୦୬/୦୭ (ନି.ପ୍ର): ଲୋକନାଥ ମନ୍ଦିର ରେ ଶ୍ରାବଣ ମାସରେ କାଉଡ଼ିଆ ମାନେ ଜଳ ଲାଗି ବ୍ୟବସ୍ଥା କୁ ଶୃଙ୍ଖଳିତ କରିବା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ଭବତାରଣ ସାହୁ ଅଧକ୍ଷତା କରିବା ସହ ଚଳିତ ବର୍ଷ ପଞ୍ଜିକା ଅନୁସାରେ ଯୋଡ଼ା ଶ୍ରାବଣ ପଡୁଥିବାରୁ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିସ୍ତୃତ ଆଲୋଚନା ପରେ ନିଷ୍ପତି ହେଲା ଯେ ଜୁଲାଇ ମାସର ୧୦ ଓ ୧୭ ତାରିଖ ଏବଂ ଅଗଷ୍ଟ ମାସର ୨୧ ଓ ୨୮ ତାରିଖ ଜଳ ଲାଗି ପାଇଁ ଶ୍ରଦ୍ଧାଳୁ ମାନଙ୍କୁ ସଚେତନ କରାଯିବ ।ଶ୍ରଦ୍ଧାଳୁ ମାନେ ଏହି ୪ ଦିନ ଲୋକନାଥ ମନ୍ଦିର ରେ ଜଳ ଲାଗି କରି ପାରିବେ । ଏହି ସମୟରେ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା, ଶୃଙ୍ଖଳିତ ଭାବେ ଧାଡ଼ି ରେ ରହି ଜଳ ଲାଗି ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନ ଓ ସ୍ୱଚ୍ଛତା ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା, ଟି ପି ସି ଓ ଡି ଏଲ ପକ୍ଷରୁ ବିଦ୍ୟୁତ ବ୍ୟବସ୍ଥା କରିଯିବ । ଏହି ବୈଠକରେ ସି ଟି ଡିଏସପି କେ କେ ହରିପ୍ରସାଦ, ପୂର୍ତ ବିଭାଗ ଏସ ଡି ଓ ବିନୋଦ ବଗର୍ତି,ଅନ୍ୟାନ୍ୟ ଅଧିକାରୀ, ଲୋକନାଥ ମନ୍ଦିର ର ପୂଜକ, ସେବାୟତ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀ ୨ ଜଣ ଗୁରୁତର

ଚମ୍ପୁଆ, ୦୬/୦୭ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରାମଲା ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ୨ ଜଣ ବାଇକ ଆରୋହୀ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଆଜି ଦିନ ପ୍ରାୟ ୨ଟା ସମୟରେ ମହେଶ୍ୱରପୁର ଗ୍ରାମର ସୁନୀଲ ମୁଣ୍ଡା ( ୨୫ ବର୍ଷ) ଓ ପାଣ୍ଡୁ ମୁଣ୍ଡା ( ୨୮ ବର୍ଷ) ଚମ୍ପୁଆରୁ ନିଜ କାମ ସାରି ବାଇକ ଯୋଗେ ତାଙ୍କ ଘରକୁ ଫେରୁଥିବା ସମୟରେ ରାମଲା ଛକ ଠାରେ ଏକ ଅଜ୍ଞାତ ଗାଡ଼ି ତାଙ୍କ ବାଇକକୁ ଧକ୍କା ଦେବାରୁ ସେମାନେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଫଳରେ ବାଇକ ଚଳାଉଥିବା ସୁନୀଲ ମୁଣ୍ଡା ଗୁରୁତର ଭାବରେ ଆହତ ହୋଇଥିଲେ । ତାଙ୍କ ମୁଣ୍ଡ, ମୁହଁ ଓ ଗୋଡରେ ଶକ୍ତ ଆଘାତ ଲାଗି କ୍ଷତ ସୃଷ୍ଟି ହୋଇଥିବା ବେଳେ ଗୋଡର ହାଡ ଭାଙ୍ଗି ଯାଇଛି । ସ୍ଥାନୀୟ ଲୋକଙ୍କ ଦ୍ୱାରା ଆହତଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା ।

# ରାଇକିଆ ବାରବା ଅଂଚଳରେ ୧୧ ବାଘ ଶିକାରୀ ଗିରଫ

କନ୍ଧମାଳ, ୦୬/୦୭ (ନି.ପ୍ର): ଜଙ୍ଗଲରେ କଲରାପତରିଆ ବାଘ ଶୀକାର କରି ଛାଲ, ନଖ ବାହାରକରି ମାଂସ ଭାଗ ବାଂଟୁଥିବା ବେଳେ ମାଡ଼ି ବସିଲା ବନ ବିଭାଗ । ଏହି ଘଟଣା କନ୍ଧମାଳ ଜିଲ୍ଲା ରାଇକିଆ ବନାଂଚଳର ବାରବା ସେକ୍ସନର ବାଦଗଡ଼ ଜଙ୍ଗଲରେ । ବାଘ ଛାଲ, ନଖ ଓ କିଛି ମାଂସ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନବିଭାଗ । ସୂଚନା ପ୍ରକାରେ ବାଦଗଡ଼ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କୁ ବାଘ ଆକ୍ରମଣ କରିଥିବା ଘଟଣା ଗତ ତିନି ତାରିଖରେ ବନବିଭାଗ ଜାଣିବା ପରେ ସମ୍ପୃକ୍ତ ଅଂଚଳରେ ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ଏଭଳି ସ୍ଥିତିରେ ଗତକାଲି ବିଳମ୍ବିତ ରାତିରେ ବାଦଗଡ଼ ଜଙ୍ଗଲରେ ବାଦଗଡ଼ ଗ୍ରାମର ୧୧ ଜଣ ବ୍ୟକ୍ତି ଜଙ୍ଗଲରେ ଏକ କଲରା ପତରିଆ ବାଘ ଶୀକାର କରିବା ପରେ ବାଘର ଛାଲ ଏବଂ ନଖ ବାହାର କରି ମାସଂ ଭାଗ ବାଂଟିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବାରବା ଏବଂ ରାଇକିଆ ବନବିଭାଗ ମିଳିତ ଭାବେ ଜଙ୍ଗଲରେ ଚଢ଼ାଉ କରିଥିବାବେଳେ ଘଟଣାସ୍ଥଳରୁ ୧୧ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଆଜି ଫୁଲବାଣୀ ଡିଏଫ୍ଓ ପ୍ରଶାନ୍ତ ପଟେଲ୍ ଓ ଏସଟିଏଫ୍ ଟିମ୍ ରାଇକିଆ ବନାଂଚଳ କାର୍ଯ୍ୟାଳୟରେ ପହଁଚି ଯାଂଚ କରିବା ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ବନ ବିଭାଗ ।

# ଖୁଟଗାଁ ୫-ଟି ରୂପାନ୍ତରଣ ହାଇସ୍କୁଲ ଛାତରୁ ଖସୁଛି କଂକ୍ରିଟ ଖଣ୍ଡ

ରାଉରକେଲା, ୦୬/୦୭ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡ ଖୁଟଗାଁ ଫାଇଭ-ଟି ରୂପାନ୍ତରଣ ହାଇସ୍କୁଲର ବିଭିନ୍ନ କୋଠରୀରର ଛାତରୁ କଂକ୍ରିଟ ଖଣ୍ଡ ଖସିବା ଏବେ ନିତିଦିନିଆ କଥା ହୋଇଛି । ଆଜି ପୂର୍ବାହ୍ନରେ ସ୍କୁଲ ଚାଲିଥିବା ବେଳେ ଛାତରୁ କଂକ୍ରିଟ ଖଣ୍ଡ ଖସିଛି । ତେବେ ଏଥିରେ କେହି ଆହତ ହୋଇନାହାଁନ୍ତି । ହାଇସ୍କୁଲର ବିଭିନ୍ନ କୋଠରୀ ଛାତରୁ ସିମେଂଟ ଖଣ୍ଡ ଖସୁଥିବା ନେଇ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ମହଲରେ ଆତଙ୍କ ସୃଷ୍ଟି ହୋଇଛି । କେତେବେଳେ କାହା ମୁଣ୍ଡରେ ସିମେଂଟ କଂକ୍ରିଟ ଖଣ୍ଡ ପଡି ଆଘାତ ଲାଗିବ ସେହି ଚିନ୍ତାରେ ଏବେ ବିଦ୍ୟାଳୟ କର୍ତୃପକ୍ଷ । ଦୀର୍ଘ ବର୍ଷେ ତଳେ ଏହି ବିଦ୍ୟାଳୟକୁ ଫାଇଭ-ଟି ଯୋଜନାରେ ରୂପାନ୍ତରଣ କରାଯାଇଥିଲା । ସ୍ଥାନୀୟ ଠିକାଦାର ମାନଙ୍କୁ ଏହାର ନବିକରଣ ଦାୟିତ୍ୱ ନେଇ ଠିକା ଦିଆଯାଇଥିଲା । ତେବେ କାମ ଚାଲିଥିଲା ବେଳେ ଠିକାଦାର ମାନେ ମନମାନି କରି ନିମ୍ନମାନର କାର୍ଯ୍ୟ କରିଥିଲେ ସୁଦ୍ଧା ଏନେଇ କେହି ମୁହଁ ଖୋଲି ନଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏସବୁ ଦେଖି ନିରବ ରହୁଥିଲେ । ସମସ୍ତଙ୍କ ମନରେ ଭୟ ଫାଇଭ-ଟି କଥା, ମୁହଁ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହୋଇପାରେ । ଠିକାଦାର ଅସନ୍ତୁଷ୍ଟ ହେଲେ ରାସ୍ତାରେ ଗୁଣ୍ଡାଙ୍କ ଆକ୍ରମଣ, ସେପଟେ ଏହା ପଛରେ ରହିଥିବା ରାଜନୈତିକ ଶକ୍ତି ମଧ୍ୟ ଅସନ୍ତୁଷ୍ଟ ହୋଇ କ୍ଷତି କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଶିକ୍ଷକ ମାନେ ନିରବ ରହିଥିଲେ । ତେବେ ଏହି ଉପଖଣ୍ଡରେ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଡ଼ିଓ ତହସିଲଦାରଙ୍କ ସମେତ ଜିଲ୍ଲାରେ ଜଣେ ଟାଣୁଆ ଶିକ୍ଷା ଅଧିକାରୀ ମଧ୍ୟ ରହିଛନ୍ତି । ଜିଲ୍ଲାପାଳ ମଧ୍ୟ ବିଭିନ୍ନ ସମୟରେ ଉପଖଣ୍ଡ ଗସ୍ତରେ ଆସୁଛନ୍ତି । ନିମ୍ନ ମାନର କାର୍ଯ୍ୟକୁ ନେଇ କେହି ତଦାରଖ କଲେ ନାହିଁ କିମ୍ବା ପଦେ କହିଲେ ନାହିଁ, ଏବେ ଫଳ ଭୋଗୁଛନ୍ତି ଛାତ୍ରଛାତ୍ରୀ ଓ ବିଦ୍ୟାଳୟର କର୍ମଚାରୀ । ଏହା କେବଳ ବଣେଇ ଉପଖଣ୍ଡ ଖୁଟଗାଁ ହାଇସ୍କୁଲର ଚିତ୍ର ନୁହେଁ ସମଗ୍ର ଜିଲ୍ଲାରେ ଫାଇଭ୍ -ଟି ଅଧିନରେ ରୂପାନ୍ତରଣ ହୋଇଥିବା ବିଦ୍ୟାଳୟ ଗୁଡିକର ରୂପାନ୍ତରଣ କାର୍ଯ୍ୟକୁ ନେଇ ପୂର୍ବରୁ ଯେଉଁ ସନ୍ଦେହ ରହିଥିଲା, ସେସବୁ ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି ।

ରାଉରକେଲାର ପ୍ରବେଶ ପଥରେ ରହିଥିବା ପାନପୋଷ ହାଇସ୍କୁଲରେ ମଧ୍ୟ ଦଳୀୟ ଛାତ୍ର ସଂଗଠନର ଠିକାଦାର ବାବୁ ଠିକା କାମ କଲେ, ହେଲେ କେତେବେଳେ ପାଣି ଆସୁନି ତ ଆଉ କେତେବେଳେ ବିଜୁଳି ସମସ୍ୟା, ପାଇଖାନା ସଫା ହୋଇପାରୁନାହିଁ, ଦୁର୍ଗନ୍ଧମୟ ପରିବେଶ ସାଙ୍ଗକୁ ପଙ୍କା ଚାଲୁନାହିଁ । ପ୍ରବଳ ଗରମ ଓ ଗୁଳୁଗୁଳିରେ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଛଟପଟ ହେଉଛନ୍ତି । କାନ୍ଥ ଗୁଡିକରୁ ରଙ୍ଗ ମଧ୍ୟ ଛାଡିଲାଣି । ମାତ୍ର କେଇ ମାସ ପୂର୍ବେ ରୂପାନ୍ତରଣ କାର୍ଯ୍ୟ ହୋଇଥିବା ଏହିସବୁ ବିଦ୍ୟାଳୟର ଅବସ୍ଥା ଯଦି ଏମିତି, ତେବେ ରୂପାନ୍ତରିତ ହୋଇଥିବା ଅନ୍ୟସବୁ ବିଦ୍ୟାଳୟ ଗୁଡିକରେ ହୋଇଥିବା କାର୍ଯ୍ୟର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରେ । ମୁହଁ ଖୋଲିବାକୁ ସମସ୍ତଙ୍କର ଇଚ୍ଛା, ହେଲେ ଭୟ ଫାଇଭ-ଟି କୁ ।

# ସରକାରୀ ଖୁଚୁରା ବିକ୍ରେତା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୦୬/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ସଂଘ ପକ୍ଷରୁ ୫ ଦଫା ଦାବି ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେବ ଏହି ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରମାନେ ସରକାରଙ୍କ ନିର୍ଦ୍ଦେଶିତ ସମସ୍ତ ସାମଗ୍ରୀ ଖାଉଟୀ ମାନଙ୍କୁ ନିୟମିତ ଭାବେ ଯୋଗାଇ ଆସୁଥିବାବେଳେ ସରକାର ସେମାନଙ୍କ ପ୍ରାପ୍ୟ ଦେଉନାହାଁନ୍ତି । କରୋନା ସମୟରେ ଏହି ସରକାରୀ ଡିଲର ମାନେ ଘରେ ଘରେ ଖାଦ୍ୟ ସାମଗ୍ରୀ ଯୋଗାଇ ଆସୁଥିଲେ । ସରକାର ଯୋଗାଣ ବିଭାଗ ସାମଗ୍ରୀ ପରିବହନ କରୁଥିବା ଠିକାଦାର ମାନଙ୍କୁ ସେମାନଙ୍କ ପ୍ରାପ୍ୟ ନିୟମିତ ଦେଉଥିବା ବେଳେ ରାଜ୍ୟର ପ୍ରାୟ ୬ ହଜାର ଡିଲରଙ୍କ କରୋନା ସମୟର ପ୍ରାପ୍ୟ ସହ ପରବର୍ତୀ ୬ ମାସ ହେଲା ପ୍ରାପ୍ୟ ବନ୍ଦ କରି ରଖିଛନ୍ତି । ଏହି ୫ ଦଫା ଦାବି ମଧ୍ୟରେ ଖୁଚୁରା ବିକ୍ରେତା ମାନଙ୍କ ସମସ୍ତ ବକେୟା ପ୍ରାପ୍ୟ ଏକ କାଳୀନ ପ୍ରଦାନ କରିବା, ସାମଗ୍ରୀ ବଣ୍ଟନ ର ୫ ଦିନ ମଧ୍ୟରେ ପାରିଶ୍ରମିକ ପ୍ରଦାନ କରିବା, ସାମଗ୍ରୀ ପହଁଚାଣ ଓ ବଂଟନ ମଧ୍ୟରେ ନିଅଂଟ ବାବଦକୁ କ୍ୱିଂଟାଲ ପିଛା ୧ କିଲୋଗ୍ରାମ ଭରଣା କରିବା, ଖୁଚୁରା ବିକ୍ରେତା ମାନଙ୍କୁ ଦୋକାନ ଘରଭଡା, ବିଦ୍ୟୁତ୍ ଖର୍ଚ୍ଚ ବାବଦକୁ ସହାୟତା ରାଶି ଦେବା ଓ ଖୁଚୁରା ବିକ୍ରେତା ମାନଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ବୀମା କରାଯିବା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡପ୍ରଦାନ କରାଯିବା ଆଦି ଦାବି ଗୁଡିକ ରହିଛି । ଜିଲ୍ଲା ସଭାପତି ଉତମ କୁମାର ଦାସଙ୍କ ସମେତ ବହୁ ସଂଖ୍ୟକ ଖୁଚୁରା ବିକ୍ରେତା ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଇଲେଭେନ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ

ଖୋର୍ଦ୍ଧା, ୦୬/୦୭ (ନି.ପ୍ର): ପଂଚାୟତ କାର୍ଯ୍ୟାଳୟରେ ଆଜବେଷ୍ଟ ସେଡ ନିର୍ମାଣା କାର୍ଯ୍ୟ ଚାଲୁଥିବା ବେଳେ ଇଲେଭେନ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକର ଗୁରୁତର ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତକ ଜଣଙ୍କ ହେଲେ ସୋରଣ ଗ୍ରାମର ରସାନନ୍ଦ ମୁଦୁଲି । ଏଭଳି ଅଭାବନୀୟ ଘଟଣା ଘଟିଛି ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମରେ ।

# ଟାଇମ୍‌ସ ହାୟର ଏଜୁକେସନ ୟଙ୍ଗ୍ ୟୁନିଭର୍ସିଟି ରାଙ୍କିଙ୍ଗ୍: କିଟ୍ ୧୨ତମ ଶ୍ରେଷ୍ଠ ଭାରତୀୟ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୦୬/୦୭ (ନି.ପ୍ର): ଟାଇମ୍‌ସ ହାୟର ଏଜୁକେସନ ପକ୍ଷରୁ ପ୍ରକାଶ ପାଇଥିବା ୟଙ୍ଗ୍ ୟୁନିଭର୍ସିଟି ରାଙ୍କିଙ୍ଗ୍-୨୦୨୩ରେ ସମଗ୍ର ବିଶ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ୧୫୧ରୁ ୨୦୦ ସ୍ଥାନ ମଧ୍ୟରେ ରହିଥିବା ବେଳେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୧୨ତମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି । ପୂର୍ବରୁ ନିକଟରେ ପ୍ରକାଶିତ ଟାଇମ୍‌ସ ହାୟର ଏଜୁକେସନ ଏସିଆ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ-୨୦୨୩ରେ ମଧ୍ୟ କିଟ୍ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୧୩ତମ ସ୍ଥାନରେ ରହିଥିବା ବେଳେ ସମଗ୍ର ଏସିଆରେ ୧୪୭ତମ ସ୍ଥାନରେ ରହିଛି । କିଟ୍ ବିଶ୍ୱବିଦ୍ୟାଳୟ ୨୫ ବର୍ଷର ଶିକ୍ଷାନୁଷ୍ଠାନ ଓ ୧୯ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହା ଭାରତର ୫୦ବର୍ଷରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଗୁଡ଼ିକର ସମକକ୍ଷ ହୋଇପାରିଛି । ଶିକ୍ଷାଦାନ ମାନ, ଗବେଷଣା କ୍ଷେତ୍ରରେ ସଫଳତା, ସାଇଟେସନ୍ ଇଣ୍ଡାକ୍ସ ଅନ୍ତର୍ଜାତୀୟ ଆଉଟ୍‌ଲୁକ୍, ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡ ଆଧାରରେ ଟାଇମ୍‌ସ ହାୟର ଏଜୁକେସନ ପକ୍ଷରୁ ୟଙ୍ଗ ୟୁନିଭରସିଟି ରାଙ୍କିଙ୍ଗ କରାଯାଇଥାଏ । ଏହି ସଫଳତା ପାଇଁ କିଟ୍‌ର ସମସ୍ତ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସମାନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କିଟ୍‌ର ଉଲ୍ଲେଖନୀୟ ସଫଳତା ପଛରେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ଏବଂ ଉତ୍ସର୍ଗୀକୃତ ତ୍ୟାଗର ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଛନ୍ତି ।

# ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର: ଉଚ୍ଚ ଶିକ୍ଷା ପାଇଁ ନାହିଁ ସମ୍ବଳ

ମାଲକାନଗିରି, ୦୬/୦୭ (ନି.ପ୍ର): ଝିଅ ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର । କିନ୍ତୁ, ବାପା ମୂଲିଆ । ଆର୍ଥିକ ଅନଟନ ଯ

# କୋଷ୍ଟାଲ ସିପିଙ୍ଗରେ ପାରାଦୀପ ବନ୍ଦରର ସଫଳତା

## ତାପଜ କୋଇଲା ପରିବହନ କ୍ଷେତ୍ରରେ ପାରାଦୀପ ବନ୍ଦର ହୋଇଛି ପୂର୍ବ ଓ ପଶ୍ଚିମ ଭାରତର ପ୍ରବେଶ ଦ୍ୱାର

ପାରାଦୀପ, ୦୬/୦୭ (ନି.ପ୍ର): ପାରାଦୀପ ବନ୍ଦର ଦ୍ୱାରା କୋଷ୍ଟାଲ ସିପିଙ୍ଗ ମାଧ୍ୟମରେ ପୂର୍ବ ଭାରତ ଓ ପଶ୍ଚିମ ଭାରତର ପ୍ରବେଶ ଦ୍ୱାର ହୋଇଛି । ବୁଧବାର ଦିନ ପାରାଦୀପ ବନ୍ଦରରୁ ମହାରାଷ୍ଟ୍ର ରାଜ୍ୟ ତାପଜ ବିଦ୍ୟୁତ ଉତ୍ପାଦନ କମ୍ପାନୀ ନିମନ୍ତେ ୫୨ ହଜାର ମେଟ୍ରିକ୍ ଟନ୍ ଥର୍ମାଲ୍ କୋଇଲା ଏମ୍.ଭି. ମାନା ଜାହାଜରେ ବୋଝେଇ ହୋଇଛି । ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ପତାକା ଦେଖାଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ପିଇକ୍ୟୁସିଟିପଏଲ୍ ଟର୍ମିନାଲ୍‌ର ଇ.କ୍ୟୁ-୨ ବର୍ଥରେ ମହାରାଷ୍ଟ୍ରରେ ଜେଏସଡବ୍ଲ୍ୟୁର ଧରାମତାର ବନ୍ଦରକୁ ଏହି ଜାହାଜରେ ଥର୍ମାଲ କୋଇଲା ଖଲାସ କରାଯିବ । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍ ଉପସ୍ଥିତ ଥିଲେ । ଆଗାମୀ ଦିନରେ ପ୍ରଥମ ପର୍ଯ୍ୟାୟରେ ୩.୫ଲକ୍ଷ ମେଟ୍ରିକ ଟନ୍ ଥର୍ମାଲ କୋଇଲା ଜାହାଜରେ ବୋଝେଇ କରାଯିବାର ଲକ୍ଷ୍ୟ ରଖିଛି ପାରାଦୀପ ବନ୍ଦର । ପାରାଦୀପ ବନ୍ଦର କୋଷ୍ଟାଲ ସିପିଙ୍ଗ ମାଧ୍ୟମରେ ପଣ୍ୟ କାରବାର କରିବାର ପର୍ଯ୍ୟପ୍ତ ପରିମାଣର ସୁବିଧା ସୁଯୋଗ ରହିଥିବା ନେଇ ସୂଚନା ଦେଇଛନ୍ତି ବନ୍ଦର ଅଧକ୍ଷ ଶ୍ରୀ ହରନାଦ । ପଶଚିମ ଭାରତରେ ଥିବା ତାପଜ ଉତ୍ପାଦନକାରୀ ରାଜ୍ୟ ଗୁଜୁରାଟ, ରାଜସ୍ଥାନ,ଏନଟିପିସି କୋଷ୍ଟାଲ ସିପିଙ୍ଗ ମାଧ୍ୟମରେ ପାରାଦୀପ ବନ୍ଦର ବାଟ ଦେଇ ପଣ୍ୟ କାରବାର କରିବା ପାଇଁ ଇଚ୍ଛା ପ୍ରକଟ କରିଥିବା ନେଇ ଶ୍ରୀ ହରନାଦ କହିଛନ୍ତି । ପ୍ରକାଶଥାଉକି, ଗତ ଆର୍ଥିକ ବର୍ଷରେ କୋଷ୍ଟାଲ ସିପିଙ୍ଗ ମାଧ୍ୟମରେ ପଣ୍ୟ କାରବାର କରି ପାରାଦୀପ ବନ୍ଦର ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ବିଗତ ଆର୍ଥିକ ବର୍ଷରେ ମହାନଦୀ କୋଲ ଫିଲ୍ଡରୁ ତାପଜ କୋଇଲା ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟକୁ ୪୨.୨ ଏମ୍.ଏମ୍.ଟି. ପଣ୍ୟ କାରବାର କରିଥିଲା । ମାନ୍ୟବର କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ କୋଷ୍ଟାଲ ସିପିଙ୍ଗକୁ ଗୁରୁତ୍ୱ ଦେଉଛନ୍ତି । ଏହା ଦ୍ୱାରା କମ୍ ଖର୍ଚ୍ଚରେ ପଣ୍ୟ ପହଂଚି ପାରିବ । ଏହାକୁ ଗୁରୁତ୍ୱ ଦେଇ ପାରାଦୀପ ବନ୍ଦର କୋଷ୍ଟାଲ ସିପିଙ୍ଗ କ୍ଷେତ୍ରକୁ ଗୁରୁତ୍ୱ ଦେଉଥିବା ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ଜଣା ପଡିଛି ।

# ଅଗଷ୍ଟ ୧୧ରେ ଧାରଣା ଦେବ ବରିଷ୍ଠ ନାଗରିକ ମଞ୍ଚ

ବାଲେଶ୍ୱର, ୦୬/୦୭ (ନି.ପ୍ର): ଜିଲ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ଦାବିନେଇ ଆସନ୍ତା ଅଗଷ୍ଟ ୧୧ ତାରିଖରେ ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ପାଇଁ ଗୁରୁବାର ପୂର୍ବାହ୍ନରେ ଉପ-ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବରିଷ୍ଠ ନାଗରିକଙ୍କ ଦାବିକୁ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଥିବା ବେଳେ ପ୍ରଶାସନିକ ଅବହେଳାରୁ ସେମାନଙ୍କ ସାମାଜିକ ସୁରକ୍ଷାରେ ପ୍ରଣୀତ ଆଇନ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି ମଞ୍ଚର ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ଅଭିଯୋଗ କରିଥିଲେ । ସେହିଭଳି ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ମଞ୍ଜୁରୀପ୍ରାପ୍ତ ଆଇଆଇସି ବହୁମୁଖୀ ପ୍ରକଳ୍ପ ନିର୍ମାଣ ନିମନ୍ତେ ତିନିବର୍ଷ ଧରି ଜମି ଚିହନଟ ନହେବା, ୬୦ବର୍ଷ ପରେ ବାର୍ଦ୍ଧକ୍ୟଭତ୍ତା ପ୍ରଦାନର ନିୟମ ଥିଲେ ମଧ୍ୟ ଆବେଦନ କରିବା ପରେ ବି ୭୦/୭୫ ବର୍ଷ ବୟସ ପର୍ଯ୍ୟନ୍ତ ଭତ୍ତା ନମିଳିବା, ବରିଷ୍ଠ ନାଗରିକଙ୍କ ଆପତ୍ତି ଅଭିଯୋଗର ବିଚାର ପାଇଁ ଜିଲାସ୍ତରୀୟ ଟ୍ରିବ୍ୟୁନାଲ ନିୟମିତ କାର୍ଯ୍ୟକାରୀ ନହେବା, ବରିଷ୍ଠ ନାଗରିକ ରେଳଯାତ୍ରୀଙ୍କୁ ପୂର୍ବରୁ ମିଳୁଥିବା ରିଆତି ଏବେ ଦିଆ ନଯିବା ଆଦି ବିଭିନ୍ନ ଦାବି ପୂରଣରେ ସରକାରୀ ତଥା ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି ବରିଷ୍ଠ ନାଗରିକମାନେ । ଏନେଇ ଆସନ୍ତା ଅଗଷ୍ଟ ୧୧ ତାରିଖ ଦିନ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଧାରଣରେ ବସିବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବା ପାଇଁ ସ୍ଥିର ହୋଇଛି । ଆଜିର ଏହି ବୈଠକରେ ଡ. ପଦ୍ମଲୋଚନ ପାତ୍ର, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଦାମୋଦର ନାୟକ, ଲକ୍ଷ୍ମୀନାରାୟଣ ଘୋଷ, ବିଷ୍ଣୁ ପ୍ରସାଦ ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ଯଶୋଦା ନନ୍ଦନ ଆଶ ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବନ୍ଧଗାଁ ହାଇସ୍କୁଲରେ ବନ ମହୋତ୍ସବ ପାଳନ

ଭଦ୍ରକ , ୦୬/୦୭ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବନ୍ଧଗାଁ ନୋଡ଼ାଲ ହାଇସ୍କୁଲରେ ୭୪ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ବନ୍ଧଗାଁ ହାଇସ୍କୁଲ ଓ ଭଦ୍ରକ ବନ୍ୟପ୍ରାଣୀ ବନାଞ୍ଚଳର ମିଳିତ ସହଯୋଗରେ ପ୍ରାୟ ପଚାଶଗୋଟି ବୃକ୍ଷରୋପଣ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭା ପ୍ରଧାନ ଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବନ୍ଧଗାଁ ସରପଞ୍ଚ ନିରୋଦ ଚନ୍ଦ୍ର ରାଉତ, ଭଦ୍ରକ ବନପାଳ ଶ୍ରୀଦେବି ବାରିକ, ବନ ରକ୍ଷକ ପ୍ରଦୀପ କୁମାର ନାୟକ ଓ ଲକ୍ଷ୍ମୀ ହେମ୍ବ୍ରମ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରାଉତ, ସମାଜ ସେବି ଚନ୍ଦ୍ରକାନ୍ତ ମହାପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିହର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଉପକାରୀତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଳ ଉଦ୍ଦେଶ୍ୟ ଜ୍ଞାପନ, ଅଶୋକ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ, ଶିକ୍ଷୟିତ୍ରୀ ଦିପ୍ତୀରେଖା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଶ୍ରତୋସ୍ୱିନୀ ପୋଲାର, ବିଜୟ ମହାଲି, ଚନ୍ଦ୍ର ଟୁଡୁ ସଭା ପରିଚାଳନା କରିଥିଲେ । ଆଶିଷ କୁମାର ଜେନା, ରଂଜିତ୍ ବିଶ୍ୱାଳ , ସଞ୍ଜୁବାଳା ସାମଲ, ମଞ୍ଜୁଲତା ନାୟକ, ନିଶିକାନ୍ତ ମହାପାତ୍ର, ଆଶିଷ କୁମାର ସାହୁ, ଗଜେନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ବାଲିଆପାଳରେ ନୂଆ କରି ଲଞ୍ଚ କଲା ଜିଓ ଫୋନ ସେବା

ଲଙ୍ଗଳେଶ୍ୱର ୬/୭( ନି ପ୍ର ) ବାଲିଆପାଳ ବଜାର ରାଜା ରାଣୀ ଛକ ନିକଟରେ ଗୁରୁବାର ନୂଆକରି ଲଞ୍ଚ କଲା ଜିଓ ସେବା । ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଜେନା ଏହି ସେବାକୁ ଫିତା କାଟି ଉଦଘାଟନ କରିଛନ୍ତି ।ଗ୍ରାହକ ମାନେ ଖୁବ ସୁବିଧାରେ ଏହି ସେବା ନେଇ ପାରିବେ ବୋଲି ଶ୍ରୀ ଜେନା କହିଛନ୍ତି ।ଜିଓ ପଏଣ୍ଟର ଅନନ୍ତ କୁମାର ପୂଜାରୀ , ସହକାରୀ ପରିଚାଳକ କାର୍ତ୍ତିକ କୁମାର ଦାସ ,ବିତରକ ଆଲୋକ ଜେନା, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।ଦୀର୍ଘଦିନ ଧରି ବାଲିଆପାଳରେ ଜିଓ ଫୋନ ସେବା ବନ୍ଦ ରହିଥିବା ବେଳେ ଏବେ ଗ୍ରାହକ ମହଲରେ ଉତ୍ସାହ ଦେଖା ଦେଇଛି ।

# ଏକ ପ୍ରହରିଆ ଚାଲିଛି ସ୍ୱାସ୍ଥ୍ୟ ସେବା

ଖଇରା, ୦୬/୦୭ (ନି.ପ୍ର): ସରକାର ସ୍ୱାସ୍ଥ୍ୟ ସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁ ଥିବା ବେଳେ ରୋଗୀଙ୍କୁ ମିଳୁନି ସେବା । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଔପଦା ବ୍ଲକ ଫତେପୁର ପଂଚାୟତରେ ଥିବା ଫତେପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର । ଏହି କେନ୍ଦ୍ରରେ ୨ଜଣ ଡାକ୍ତର , ଏଏନଏମ, ଫାର୍ମାସିଷ୍ଟ ଙ୍କୁ ନେଇ ଚାଲିଛି ଡାକ୍ତରଖାନା । ଏହିକେନ୍ଦ୍ରଟି ଠିକ ସମୟରେ ଖୋଲା ଯାଉ ନଥିବା ବେଳେ ଦିନରେ ମାତ୍ର ଗୋଟେ ଓଳି ଡାକ୍ତର ରହୁଛନ୍ତି । କେନ୍ଦ୍ରଟି ଉପରଓଳି ଖୋଲା ଯାଉନଥିବାର ନଜରି ଆସିଛି । ଡାକ୍ତରଙ୍କ ଅନୁପସ୍ଥିତିରେ ରୋଗୀ ମାନେ ସେବା ନପାଇ ହଇରାଣ ହରକତ ହେଉଥିବାର ଅଭିଯୋଗ ହେଉଛି । ଏହି ବିଷୟରେ ଈଶ୍ୱରପୁର ମେଡିକାଲର ଭାରପ୍ରାପ୍ତ ଅଧିକାରୀ ଡା. କୈଳାସ ଚନ୍ଦ୍ର ବେହେରା ଙ୍କୁ ଯୋଗା ଯୋଗ କରିବାରୁ ସେ ଏ ବିଷୟରେ ତଦନ୍ତ କରିବା ସହିତ ଡାକ୍ତରଙ୍କ ଦରମା ବନ୍ଦ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଦେଖିବାକୁ ବାକି ରହିଲା କେବେ ରୋଗୀଙ୍କୁ ମିଳୁଛି ସେବା ?

# 'ଅଖିଳ ଭାରତୀୟ ମହିଳା ସମ୍ମେଳନ'ର ଅର୍ଦ୍ଧବାର୍ଷିକ ଅଧିବେଶନ

ବାଲେଶ୍ୱର, ୦୬/୦୭ (ନି.ପ୍ର): ଅଖିଳ ଭାରତୀୟ ମହିଳା ସମ୍ମେଳନର ଦୁଇ ଦିନିଆ ଅର୍ଦ୍ଧବାର୍ଷିକ ଅଧିବେଶନ ସହର ଉପକଣ୍ଠ ଯୁଧିଷ୍ଠିରପୁର ସ୍ଥିତ ପଦ୍ମାବତୀ ଏମ୍ୟୁଜମେଣ୍ଟ ପାର୍କ ଓ ରିସର୍ଟ ପରିସରରେ ଉଦଘାଟିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀଅଧିକାର ସୁରକ୍ଷା ଓ ମହିଳା ସଶକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସାମ୍ପ୍ରତିକ ସମାଜରେ ମହିଳାଙ୍କ ହାର ୫୦ ପ୍ରତିଶତ ଛୁଇଁଥିବା ବେଳେ ରାଷ୍ଟ୍ର ପ୍ରଗତିରେ ସେମାନଙ୍କ ସହଭାଗିତା ମଧ୍ୟ ପ୍ରଶଂସନୀୟ ଅଟେ । ଅନ୍ୟପକ୍ଷରେ ବାଲ୍ୟ ବିବାହ, ଯୌତୁକ ଜନିତ ସମସ୍ୟା, ଘରୋଇ ହିଂସାରୁ ବର୍ତ୍ତିବା ପାଇଁ ସମସ୍ତେ ଶିକ୍ଷିତ ହେବାର ଆବଶ୍ୟକତା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ସମ୍ପ୍ରତି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଅଭିଯାନରେ ପ୍ରାୟ ୭୦ଲକ୍ଷ ମହିଳା ସାମିଲ ହୋଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ପୂର୍ବରୁ ମହିଳାମାନେ କିଛି ରୋଜଗାର ସହିତ ପରିବାରକୁ ଆର୍ଥିକ ଉନ୍ନତିରେ ସହାୟକ ହୋଇପାରୁଥିବା ବେଳେ ଏବେ ସେମାନେ ସଂଗଠିତ ହୋଇ ଉଦ୍ୟୋଗୀକରଣକୁ ରୂପାନ୍ତରିତ ହେଉଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ବଡ଼ ବଡ଼ କାରଖାନା ପରିଚାଳନା କରିପାରୁଛନ୍ତି । ବାଲେଶ୍ୱରରେ କାର୍ଯ୍ୟକାରୀ 'ଗୋଟିଏ ପଞ୍ଚାୟତ ଗୋଟିଏ ସାମଗ୍ରୀ ଉତ୍ପାଦ' (ଓଜିଓପି) ଯୋଜନା ମହିଳାଙ୍କୁ ପ୍ରୋତ୍ସାହିତ କରିଥିବା ବେଳେ ଏହା ଏବେ ରାଜ୍ୟ ପାଇଁ ଉଦାହରଣ ହୋଇଛି ବୋଲି ଜିଲାପାଳ ଶ୍ରୀ ଶିନ୍ଦେ କହିଥିଲେ । ତେବେ ନାରୀମାନଙ୍କୁ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇବାରେ ଅଖିଳ ଭାରତୀୟ ମହିଳା ସମ୍ମେଳନର ପ୍ରୟାସ ପ୍ରସଂଶନୀୟ ବୋଲି ଶ୍ରୀ ଶିନ୍ଦେ ମତପ୍ରକାଶ କରିଥିଲେ ।

# ମୃତାହ କର୍ମରେ ଖାଇ....

ପରିବାର ଓ ଜ୍ଞାତି କୁଟୁମ୍ବମାନେ ଏକାଠି ଖାଇଆସୁଛନ୍ତି । ସେହିକ୍ରମରେ ବୁଧବାର ଦିନ ଅପରାହ୍ନରେ ରୋଷେଇ ହୋଇଥିବା ଭାତ, ଡାଲମା, ଆଳୁ ଚଟଣିକୁ ପରିବାରର ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକ ଓ ବନ୍ଧୁବର୍ଗ, ପାଖାପାଖି ୩୫ରୁ ଅଧିକ ଲୋକେ ଖାଇଥିଲେ । ମଧ୍ୟରାତ୍ରିରୁ ଖାଦ୍ୟ ଖାଇଥିବା ବ୍ୟକ୍ତିଙ୍କ ଠାରେ ଅସ୍ୱାଭାବିକ ପରିସ୍ଥିତି ଦେଖିବାକୁ ମିଳିଥିଲା । ପ୍ରାୟ ସମସ୍ତଙ୍କୁ ଝାଡ଼ାବାନ୍ତି ହେବା ସହ ଅଧିକାଂଶ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ । ଭୋରସୁଦ୍ଧା ଅବସ୍ଥା ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଅସୁସ୍ଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଦିବଂଗତ ଅଚ୍ୟୁତ ପ୍ରଧାନଙ୍କ ପୁତ୍ର ବଳିଆ ପ୍ରଧାନଙ୍କ କହିବା ଅନୁସାରେ ତୃତୀୟ ଦିନ ଅପରାହ୍ନରେ ଖାଇବା ପରେ ପ୍ରାୟ ସମସ୍ତେ ଅସୁସ୍ଥ ଅନୁଭବ କରିଥିଲେ । ରାତିରୁ ଝାଡ଼ାବାନ୍ତି ହେବା ସହ ଅଧିକାଂଶ ଲୋକଙ୍କୁ ଜ୍ୱର ଆସିଥିଲା । ସ୍ୱର୍ଗତ ପ୍ରଧାନଙ୍କ ମୃତାହକର୍ମର ତୃତୀୟ ଦିନରେ ରନ୍ଧା ହୋଇଥିବା ଖାଦ୍ୟରେ କୌଣସି ଅପମିଶ୍ରଣ ହେଉ କିମ୍ବା କୌଣସି କିଟ ପତଙ୍ଗ ପଡ଼ି ଖାଦ୍ୟ ବିଷାକ୍ତ ହୋଇଥିବା ଡାକ୍ତରମାନେ ପ୍ରାଥମିକ ପରୀକ୍ଷାରୁ ସନ୍ଦେହ ପ୍ରକଟ କରିଛନ୍ତି । ତେବେ ଚିକିତ୍ସା ଆରମ୍ଭ ପରେ ଅସୁସ୍ଥ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ପ୍ରବେଶ ଶୁକ୍ଳା ପରିସ୍ରା ....

ତାଙ୍କୁ କିଛି ଉପହାର ପ୍ରଦାନ କରିବା ସହ ନିଜ ହାତରେ ସେ ରାଓ୍ୱତଙ୍କୁ ମିଠା ଖୁଆଇ ଦେଇଛନ୍ତି । ଏଥିସହ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଚୌହାନ ପ୍ରତିଶ୍ରୁତି ଦେଇଛନ୍ତି । କିଛି ଦିନ ତଳେ ପ୍ରବେଶ ଶୁକ୍ଳା ସିଧି ଜିଲ୍ଲାରେ ଆଦିବାସୀ ଶ୍ରମିକ ରାଓ୍ୱତଙ୍କ ଉପରେ ପରିସ୍ରା କରୁଥିବା ବେଳର ଭିଡିଓ ସାମ୍ନାକୁ ଆସିଥିଲା । ଏହି ଭିଡିଓ ଭାଇରାଲ ହେବା ପରେ ପୁଲିସ୍ ତାକୁ ଗିରଫ କରିଥିଲା । ତା' ବିରୋଧରେ ଏନଏସ୍ଏ ଲାଗିଛି । ପ୍ରଶାସନ ପ୍ରବେଶ ଶୁକ୍ଳାର ବେଆଇନ ଘର ଉପରେ ମଧ୍ୟ ବୁଲଡୋଜର ଚଢ଼ାଇ ଦେଇଛି । ତଥାପି ଆଦିବାସୀ ଶ୍ରମିକଙ୍କ ଏପରି କଦର୍ଯ୍ୟ କାମକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ । ଏପରି କି ପ୍ରବେଶ ଶୁକ୍ଳାର ଲିଙ୍କ ବିଜେପି ସହ ଥିବା ମଧ୍ୟ କିଛି ଫଟୋ ବିରୋଧୀ ଦଳଗୁଡ଼ିକ ସୋଶାଲ ମିଡିଆରେ ପୋଷ୍ଟ କରିଥିଲେ । ଆଦିବାସୀ ସଂପ୍ରଦାୟର ଲୋକମାନେ ଏପରି ଅମାନବୀୟ କାଣ୍ଡ ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ । ଏସବୁ ଭିତରେ ମୁଖ୍ୟମନ୍ତ୍ରୀ ଚୌହାନ ଆଦିବାସୀ ଶ୍ରମିକ ରାଓ୍ୱତଙ୍କ ପାଦୁକା ସେବା କରିଛନ୍ତି । ସେ ତାଙ୍କର ପାଦ ଧୋଇବା ବେଳର ଫଟୋକୁ ନିଜ ଟ୍ୱିଟର ଆକାଉଣ୍ଟରେ ଶେୟାର କରିଛନ୍ତି । ପରିସ୍ରା ଘଟଣା ପାଇଁ ସେ ତାଙ୍କୁ କ୍ଷମା ମାଗିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, "ସମସ୍ତେ ଜାଣିବା ଦରକାର ଯେ ମଧ୍ୟପ୍ରଦେଶରେ ଶିବରାଜ ସିଂହ ଚୌହାନ ଅଛନ୍ତି ମାନେ ଜନତା ଭଗବାନ । କାହା ସହ ବି ଅତ୍ୟାଚାରକୁ ବରଦାସ୍ତ କରାଯିବନି । ରାଜ୍ୟର ସବୁ ନାଗରିକଙ୍କ ସମ୍ମାନ, ମୋର ସମ୍ମାନ ।" ଆଉ ଏକ ଟ୍ୱିଟରେ ସେ ଆଦିବାସୀ ଶ୍ରମିକ ରାଓ୍ୱତଙ୍କୁ କହିଛନ୍ତି, "ମନ ଦୁଃଖ ଅଛି । ଦଶମତଜୀ ଆପଣଙ୍କ କଷ୍ଟ ଲାଘବ କରିବାକୁ ଏହା ଏକ ପ୍ରୟାସ । ଆପଣଙ୍କୁ କ୍ଷମା ବି ମାଗୁଛି । ମୋ ପାଇଁ ଜନତା ହିଁ ଭଗବାନ ।" ପାଦୁକା ସେବା ପରେ ମୁଖ୍ୟମନ୍ତ୍ରୀ ଚୌହାନ କହିଛନ୍ତି, "ମୋ ପାଇଁ ଗରିବମାନେ ଭଗବାନ ।

## ଆସନ୍ତା ନିର୍ବାଚନରେ....

ଦଳୀୟ ସମସ୍ତ ନେତା, ବିଧାୟକ, ମନ୍ତ୍ରୀମାନଙ୍କୁ ନେଇ ଆଗକୁ କାମ କରାଯିବ । କଂଗ୍ରେସ ରାଜସ୍ଥାନରେ ପୁଣି କଂଗ୍ରେସ ସରକାର କରିବ ବୋଲି ଆମର ଲକ୍ଷ୍ୟ ରହିଛି । ବୈଠକରେ ଦଳୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ, ପିସିସି ମୁଖ୍ୟ ଗୋବିନ୍ଦ ଡେଟାସରାଙ୍କ ସମେତ ୨୯ ଶୀର୍ଷ ନେତା ଯୋଗ ଦେଇଥିଲେ । ବୈଠକରେ ନିଆଯାଇଥିବା ଅନ୍ୟ ୩ ବଡ଼ ନିଷ୍ପତ୍ତି ହେଲା, ରାଜସ୍ଥାନ ଲୋକସେବା ଆୟୋଗ ସଦସ୍ୟ ନିଯୁକ୍ତି ନିମନ୍ତେ ନିୟମ କରାଯିବ । ପେପର ଲିକ୍ ନେଇ ବିଧାନସଭାରେ ଆଇନ୍ ଅଣାଯିବ (ବୁଝାମଣା ନିମନ୍ତେ ସଚିନ୍ ପାଇଲ୍ ରଖିଥିବା ସର୍ତ୍ତ) । ରାଜସ୍ଥାନରେ ଏଥର କଂଗ୍ରେସ ଟିକେଟ ଆଶାୟୀଙ୍କ ଚୟନ ସେପ୍ଟେମ୍ବର ପ୍ରଥମ ସପ୍ତାହରେ କରାଯିବ ।

## ବନ୍ଦେ ଭାରତରେ ଯିବାକୁ ....

ଏହି ସମସ୍ୟାକୁ ଦୂର କରିବା ପାଇଁ ଭାରତୀୟ ରେଳବାଇ ସମୀକ୍ଷା ଆରମ୍ଭ କରିଛି । କିଛି ନିର୍ଦ୍ଦିଷ୍ଟ ପଥରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ଟିକେଟ ଦାମକୁ ହ୍ରାସ କରିବା ମୁଡରେ ରେଳବାଇ ରହିଥିବା ରିପୋର୍ଟ ପ୍ରକାଶ ପାଇଛି । ଟିକେଟ ଦେମ ହ୍ରାସ ପାଇଲେ ସମ୍ଭବତଃ ଲୋକମାନେ ଏହି ସେମି ହାଇସ୍ପିଡ ଟ୍ରେନ୍‌ରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରିବେ ବୋଲି ରେଳବାଇ

ଶୁକ୍ରବାର, ଜୁଲାଇ ୦୭, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଖାଲଖମାରେ ଭର୍ତ୍ତି ହେଲାଣି ଖଇରା-ଗନ୍ଧାଳି ରାସ୍ତା: ମରାମତି ଦାବି

ଖଇରା, ୦୬/୦୭ (ନି.ପ୍ର): ସୋର-କୁପାରୀ ରାଜ୍ୟ ରାଜପଥର ନଟାପଡା ଛକରୁ ନଟାପଡା ଗ୍ରାମ ଦେଇ ଗନ୍ଧାଳି ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି । ତୁରନ୍ତ ରାସ୍ତା ମରାମତି କରିବାକୁ ଜିଆଣିପଦା, ନଟାପଡା, କବିରପୁର,କାକୁଡିଆ,ଗନ୍ଧାଳି ଗ୍ରାମର ବାସିନ୍ଦା ମାନେ ଦାବୀ କରିଛନ୍ତି । ଉକ୍ତ ରାସ୍ତାଟି ଖଇରା ଓ ଔପଦା ୨ବ୍ଲକକୁ ସଂଯୋଗ କରୁଛି । ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟାତ କରନ୍ତି । ରାସ୍ତାର ଅନେକ ସ୍ଥାନରେ ବଡ ବଡ ଖାଲ ସୃଷ୍ଟି ହେବା କାରଣରୁ ପ୍ରତି ମୁହୂର୍ତ୍ତରେ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହି ରାସ୍ତା ବ୍ୟବହାର କରି ପ୍ରତ୍ୟେକ ଦିନ ଖଇରା ସରସ୍ୱତୀ ଶିଶୁ ମନ୍ଦିର, ନଟପଡା ୟୁପି, ସାଇ ପବ୍ଲିକ, କାକୁଡିଆ ପ୍ରାଇମେରୀ,ଗନ୍ଧାଳି ପ୍ରାଇମେରୀ ସ୍କୁଲକୁ ଛାତ୍ରଛାତ୍ରୀ ଶିକ୍ଷକଶିକ୍ଷୟତ୍ରୀ ଯାତାୟାତ କରିଥାନ୍ତି । ବିଶେଷ କରି ଜିଆଣିପଦା,ନଟାପଡା ଓ କାକୁଡିଆ ଛକ ନିକଟରେ ରାସ୍ତା ମୃତ୍ୟୁ ଯନ୍ତା ପାଲଟିଥିବାରୁ ପିଲାମାନେ ଖୁବ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି ।

## ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା

କେନ୍ଦ୍ରାପଡ଼ା, ୦୬/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀ ଉପାଧକ୍ଷ ବୈଦ୍ୟନ୍ତ ପଣ୍ଡା ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଚାୟତର ହରିଶ ଚନ୍ଦ୍ର ସେଠୀଙ୍କ ଏକମାତ୍ର ପୁଅ ୨ମାନସ ରଞ୍ଜନ ସେଠୀଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶଶାଙ୍କ ଶେଖର ଓଝା, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ପଂଚାୟତ ପ୍ରମୁଖ ଦିଲିପ କୁମାର ଦାସ, ବଳରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପଣ୍ଡାଙ୍କ ପ୍ରଦତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

### ନୀଳଗିରିରେ ପୁଣି ଅନ୍ଧବିଶ୍ୱାସ

## ଭଣ୍ଡୁର ହେଲା ନରବଳି ଯୋଜନା:ସୁଯୋଗ ଉଣ୍ଡି ଖସିଆସିଲା ଯୁବକ

ନୀଳଗିରି , ୦୬/୦୭ (ନି.ପ୍ର): ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ । ଜଣେ ଆସନ୍ନ ମୃତ୍ୟୁକୁ ସାମ୍ନାରେ ଦେଖି ମଧ୍ୟ ଜୀବନ ବଞ୍ଚାଇ ଘରକୁ ଫେରିବା ଭଗବାନଙ୍କର ଆର୍ଶୀବାଦ ନଥିଲେ ସମ୍ଭବ ନୁହେଁ। ଏଭଳି ଏକ ଅବିଶ୍ୱାସନୀୟ ଘଟଣା ଘଟିଛି ନୀଳଗିରି ସହର ନିକଟସ୍ଥ ଧୋବଶିଳା ପଂଞ୍ଚାୟତରେ । ପଞ୍ଚାୟତର କେରାଟପଡିଆ ଗ୍ରାମର ହରିଶ୍ଚନ୍ଦ୍ର ନାୟକଙ୍କ ପୁଅ ତପନ ନାୟକ (୨୧) ବୁଧବାର ଦିନ ସନ୍ଧ୍ୟାରେ ନିକଟସ୍ଥ ଧୋବଶିଳା ବଜାରକୁ ପରିବା ଆଣିବା ପାଇଁ ଯାଇଥିଲା । ରାତ୍ରି ପ୍ରାୟ ୭.୩୦ସମୟରେ ଘରକୁ ଫେରିବା ବାଟରେ ହଠାତ୍ ୪/୫ଜଣ ଅଜଣାଲୋକ ତପନ ମୁହଁରେ କପଡା ଗୁଡ଼ାଇ ଦେବାରୁ ସେ ଅଚେତ୍ ହୋଇ ପଡ଼ିଥିଲେ । ତପନ କହିବା ମୁତାବକ ରାତ୍ର ପ୍ରାୟ ୧୦ଟା ସମୟରେ ଚେତା ପାଇବା ପରେ ସେ ନିଜକୁ ନିକଟସ୍ଥ ସ୍ୱର୍ଣ୍ଣଟୁଡ଼ ପାହାଡ ଅନ୍ତର୍ଗତ କଇଁଫୁଲିଆ ପାହାଡ଼ରେ ଥିବା ଠାକୁରାଣୀ ପୀଠରେ ଅଛି । ନିକଟରେ ୫/୭ଜଣ ଲୋକ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରୁଥିବା ଦେଖି ତାଙ୍କୁ ବଳିଦେବା ପାଇଁ ଆଣିଥିବା ସନ୍ଦେହ ଉପୁଜିଥିଲା । ସେମାନଙ୍କ ମଧ୍ୟରୁ ତପନ ଜଣକୁ ଚିହ୍ନି ପାରିଥିଲା । ଯିଏ କି ତାଙ୍କ ଗ୍ରାମ ନିକଟସ୍ଥ ତରାମ ନଟି ଗାଁର ରୂପା ସିଂ । ଯିଏକି ଦୀର୍ଘଦିନ ଧରି ଗୁଣି ଗାରେଡ଼ି କରି ଆସୁଛନ୍ତି । ତପନର ଚେତା ଆସିବା ୍ୱ ସେମାନେ ତାକୁ ପାଣି ପିଇବାକୁ ଯାଚିବା ପରେ ଝାଡ଼ା ଯିବା ବାହାନା କରି ରାତ୍ରୀ ଅନ୍ଧାରରେ ତପନ ପାହାଡ ଉପରୁ ଦୌଡ଼ି ଦୌଡ଼ି ଆସି ଡାହାଣୀମରା ଛକ ଠାରେ ପହଞ୍ଚି ସେଠାରେ ଖୋଲାଥିବା ଦୋକାନୀକୁ ସମସ୍ତ ଘଟଣା କହିଥିଲା । ପରେ ଦୋକାନୀ ଠାରୁ ମୋବାଇଲ ଆଣି ଘରକୁ ଫୋନ୍ କରିଥିଲା । ପୁଅର ଫୋନ୍ କଲ୍ ପାଇ ପରିବାର ଲୋକେ ପହଞ୍ଚି ତପନକୁ ଘରକୁ ଆଣିଥିଲେ । ତପନ ଗଣମାଧ୍ୟମରେ ମଧ୍ୟ ସମସ୍ତ ଘଟଣା ବିଷୟରେ କହିଥିଲେ । ରୂପା ସିଂ ତା ପୁଅକୁ ବଳିଦେବକ୍ଷ ପାଇଁ ପାହାଡ ଠାକୁରାଣୀ ପୀଠକୁ ନେଇଥିବା ନେଇ ତପନର ମା ସସ୍ମିତା ନାୟକ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଏକବିଂଶ ଶତାବ୍ଦୀରେ ମଧ୍ୟ ଦେଖିବାକୁ ମିଳିଛି । ନରବଳୀ ଭଳି ହୀନ ମାନସିକତା ଏବେବି ଲୋକ ମାନସରେ ଜୀବିତ ଅଛି । ତେବେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତ ମାନେ ଖସିଯିବାରେ ସକ୍ଷମ ହୋଇଥିବା ଜଣାପଡିଛି ।

## ସୁନ୍ଦର ପରିବେଶ ପାଇଁ ଇନର ହୁଇଲର ବୃକ୍ଷରୋପଣ କାର୍ଯ୍ୟକ୍ରମ

ଉଦଳା ୦୬/୦୭- (ନି.ପ୍ର)- କେବଳ ମହିଳା ମାନଙ୍କୁ ନେଇ ଗଢ଼ି ଉଠିଥିବା ଇନରହୁଇଲ କ୍ଲବ ତରଫରୁ ଆରମ୍ଭ ହୋଇଛି ବୃକ୍ଷରୋପଣ କାର୍ଯ୍ୟକ୍ରମ । ଏହି ଅବସରରେ ଚଳିତ ଜୁଲାଇ ୫ ତାରିଖ ଗୁରୁବାର ଦିନ ଉଦଳା ବ୍ଲକ ଅନ୍ତର୍ଗତ କଳାପାହାଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହାୟତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ସୁନ୍ଦର ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ବିଷୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଏହାପରେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ବେଲ, ଜାମୁ ଓ ବିଭିନ୍ନ ପ୍ରଜାତିର ଫୁଲ ଗଛ ସହିତ ତୁଳସୀ ଗଛ ରୋପଣ କରାଯାଇଥିଲା । ଶେଷରେ କ୍ଲବର ସଂପାଦିକା ମମତା ସାହୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଋଣ ପ୍ରସାରଣ କାର୍ଯ୍ୟକ୍ରମ

ବାରିପଦା , ୦୬/୦୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଲିଡ୍ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଋଣ ପ୍ରସାରଣ କାର୍ଯ୍ୟକ୍ରମ ବ୍ୟାଙ୍କ ଅଫ ଇଣ୍ଡିଆ ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ କାର୍ଯ୍ୟାଳୟର ମହା ପ୍ରବନ୍ଧକ ନକୁଳ ବେହେରା ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ବ୍ୟାଙ୍କ ସମୂହ ଓଡିଶାର ଉପ ମହା ପ୍ରବନ୍ଧକ ରବୀନ୍ଦ୍ର ନାଥ ସରକାର ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ କୃଷି ଏବଂ ଏହାର ଆନୁସଙ୍ଗିକ ଋଣ କିପରି ସହଜ ସୁବିଧା ରେ ବ୍ୟାଙ୍କ ମାଧ୍ୟମରେ ଉପଲବ୍ଧ କରିପାରିବେ ଏବଂ ଏହାଛଡ଼ା ବିଭିନ୍ନ ପ୍ରକାର ବାଣିଜ୍ୟ ଋଣ, ଗୃହ ଋଣ, ଏବଂ ଅନ୍ୟାନ୍ୟ ଋଣ ବିଷୟ ରେ ଗ୍ରାହକ ମାନଙ୍କୁ ଅବଗତ କରାଯାଇଥିଲା । ଗ୍ରାହକ ମାନଙ୍କୁ ଉନ୍ନତ ମାନର ସେବା ଯୋଗାଇଦେବା ଏବଂ ଡିଜିଟାଲ ସେବା ମାଧ୍ୟମ ରେ କିପରି ନେଣଦେଣ ପ୍ରକ୍ରିୟାକୁ ସୁଗମ କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଗ୍ରାହକ ମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ୪୦ ଜଣ ହିତାଧିକାରୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିବା ବେଳେ ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଯୋଜନା , ମହିଳା ସମ୍ମାନ ଶେଭିଂ ସାର୍ଟିଫିକେଟ ଯୋଜନାର ଗ୍ରାହକ ମାନଙ୍କୁ ପାସ ବୁକ ବଣ୍ଟା ଯାଇଥିଲା । ଏହିପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ବ୍ୟାଙ୍କ ଦ୍ୱାରା ଜାରି ରହିବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଦାସ ପ୍ରକାଶ କରିଥିଲେ ।

## ଭାଗ୍ୟ ବଦଳିବ ପାଳପଡା-ସୁନାରୁଇ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା

ଲଙ୍ଗଳେଶ୍ୱର,୬/୭(ନି ପ୍ର )ଦୀର୍ଘ ଦିନ ଧରି ବନ୍ଦ ହୋଇ ପଡିରହିଥିବା ପାଳପଡା-ସୁନାରୁଇ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଭାଗ୍ୟ ଏବେ ବଦଳିବ । ଏ ସଂକ୍ରାନ୍ତରେ ଖବର ପ୍ରକାଶିତ ହୋଇଥିଲା । ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ଉକ୍ତ ରାସ୍ତାଟିର ପୂର୍ଣ୍ଣାଙ୍ଗ କରିବା ପାଇଁ ଡେକ୍ରସ୍ ଅନଫ୍ରା ଇଣ୍ଡିଆନ ପ୍ରାଇଭେଟ୍ ଲିଃ. ଟେଣ୍ଡର ନେଇ କାର୍ଯ୍ୟ ଦ୍ରୁତ ଗତିରେ ଚଳାଇଛି । ବସ୍ତା ବାଲିଆପାଳ ପୂର୍ତ୍ତ ବିଭାଗ ରାସ୍ତାର ନେପୁରା ଛକ ଠାରୁ ମୋରମ୍ କାମ ଚାଲିଥିବା ବେଳେ ସୁନାରୁଇ ଠାରୁ ଢଳେଇ କାର୍ଯ୍ୟ ଚାଲୁରହିଅଛି । ସୂଚନା ଥାଉକି ,ଏବେ ଉକ୍ତ ପାଳପଡା -ସୁନାରୁଇ ରାସ୍ତାର ପୂର୍ଣ୍ଣାଙ୍ଗୀକରଣ ପାଇଁ ନୂତନ ଭାବେ ରାସ୍ତାର ନାମ ଲଙ୍ଗଳେଶ୍ୱର ଠାରୁ ବସ୍ତା-ବାଲିଆପାଳ ପୂର୍ତ୍ତ ବିଭାଗ ରାସ୍ତା ଭାୟା ସୁନାରୁଇ ଛଡା ରଖାଯାଇଛି । ଏହି ରାସ୍ତାଟିର ଦୈର୍ଘ୍ୟ ୯.୭୬୧କି.ମି.। ରାସ୍ତାଟି ସମ୍ପୂର୍ଣ୍ଣ ହେଲେ ଲୋକମାନଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହେବ । ପ୍ରାଚୀନ ଶୈବପୀଠ ବାବା ଲଙ୍ଗଳେଶ୍ୱର ଏବଂ ବାବା ନିଖିରେଶ୍ୱର ଶୈବପୀଠ ମଧ୍ୟରେ ଦୂରତା ହ୍ରାସ ପାଇବ । ତାହାଛଡା ଶ୍ରୀରାମପୁର, ନିଖିରା, ନେପୁରା, ସେତପୁରା, ମଇଁଷାମୁଣ୍ଡା, କୁମ୍ଭାରୀ, ତାପଣ୍ଡିଆ, ପାଳପଡା, ସୁନାରୁଇ, ଖାଳମୁହାଣୀ, ଜାଠିଆ, ଦେଉଳା, ବଳରାମପୁର ଆଦି ପଞ୍ଚାୟତର ଅଧିବାସୀମାନେ ଯା' ଆସ କରିପାରିବେ । ଦକ୍ଷିଣ ବାଲିଆପାଳକୁ ରାସ୍ତା ସୁଗମ ହେବ । ହଜାର ହଜାର ଜନସାଧାରଣ ଏହି ରାସ୍ତାଟି ସମ୍ପୂର୍ଣ୍ଣ ହେଲେ ଉପକୃତ ହେବେ । ସୁନାରୁଇ ଓ ବଳରାମପୁର ପ୍ରଭୃତି ଅଂଚଳରୁ ଲୋକେ ଖପରାପଦା ବସ୍ ଷ୍ଟାଣ୍ଡରେ ଶୀଘ୍ର ପହଞ୍ଚି ବାଲେଶ୍ୱର, ଭୁବନେଶ୍ୱରକୁ ଯାଇପାରିବ । ଚାଷୀମାନେ ଚାଷକାର୍ଯ୍ୟ ପାଇଁ ଆଉ ଅସୁବିଧାର ସମ୍ମୁଖୀନ ହେବେନାହିଁ । ଉକ୍ତ ରାସ୍ତାଟିର ଭାଗ୍ୟ ବଦଳିବାକୁ ଯାଉଥିବା ବେଳେ ଅଂଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

## ଡାକ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ଜୟପୁର, ୦୬/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ସେମିଳିଗୁଡା ଡାକ ବିଭାଗ ରେ କାର୍ଯ୍ୟରତ କୋରାପୁଟ ସହର ବନ ଭାରତୀ କଲୋନୀର ପି.ସନ୍ତୋଷ କୁମାର ଗତ ମଙ୍ଗଳବାର ଦିନ ଅଫିସ କୁ ଯାଇ ଆଉ ଫେରି ନ ଥିଲେ । ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଅଫିସ ଓ ସାଙ୍ଗ ସାଥିଙ୍କୁ ଫୋନ୍ ଜରୀଆରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୂଚନା ମିଳି ନଥିଲା । ଶେଷରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ମଙ୍ଗଳବାର ୪ ତାରିଖ ସାନ୍ଧ୍ୟ ସମୟରେ ସନ୍ତୋଷଙ୍କ ସ୍କୁଟି କୋଲାବ୍ ବ୍ରିଜ ଉପର ରୁ ପୋଲିସ ଉଦ୍ଧାର କରିଥିଲା । ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ଦିନ ତମାମ ଖୋଜା ଖୋଜି କରିଥିଲେ । କିନ୍ତୁ ସନ୍ତୋଷ ଙ୍କ କୌଣସି ପତା ମିଳି ନ ଥିଲା । ଆଜି ସୋମବାର ୬ ତାରିଖ ସକାଳୁ କୋଲାବ ନଦୀ ସ୍ଥିତ ଘାଟଗୁଡା ନିକଟରୁ ସନ୍ତୋଷଙ୍କ ମୃତ ଦେହ ଉଦ୍ଧାର କରାଯାଇଛି ।

## ଚମ୍ପୁଆ ଅବକାରୀ ବିଭାଗର ଚଢ଼ାଉ : ୭୧ ଲିଟର ମହୁଲି ମଦ ଜବତ

ଚମ୍ପୁଆ, ୦୬/୦୭ (ନି.ପ୍ର): ଚମ୍ପୁଆ ଅବକାରୀ ବିଭାଗ ପକ୍ଷରୁ ଆଜି ଚମ୍ପୁଆର ବିଭିନ୍ନ ଅଂଚଳରେ ଚଢ଼ାଉ କରି ୭୧ ଲିଟର ମହୁଲି ମଦ ଜବତ କରିଥିବା ଜଣା ପଡିଛି କ୍ଷ ଅବକାରୀ ଅଧିକ୍ଷକ ନାରାୟଣ ମେହେରଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଅବକାରୀ ନିରୀକ୍ଷକ ଚନ୍ଦନ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚମ୍ପୁଆ ଅବକାରୀ ଉପ ନିରୀକ୍ଷକ ରମେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡ଼ିଆ, ଚିମିଳା, କାଳିକାପ୍ରସାଦ, ଭାଲିଆଡିପା, ଗମ୍ଭାରୀଆ ଆଦି ଗ୍ରାମରେ ଅତର୍କିତ ଭାବରେ ଚଢ଼ାଉ କରି ୭୧ ଲିଟର ମହୁଲି ମଦ ଜବତ କରିବା ସହିତ ୬ ଗୋଟି ଅବକାରୀ କେଶ ରୁଜୁ କରାଯାଇଥିବା ଜଣାପଡିଛି ।

## ସାମାଜିକ ସୁରକ୍ଷାରୁ ବଂଚିତ ୬୫ ବର୍ଷ ବୟସ୍କ ଅବିବାହିତା

ଉଦଳା , ୦୬/୦୭ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା କାପୁରା ମାର୍ଣ୍ଡିଙ୍କୁ ଆଜି ପର୍ଯ୍ୟନ୍ତ ସରକାରଙ୍କର ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ, ସାମାଜିକ ସୁରକ୍ଷା ଯୋଜନାରେ ଭତା କିମ୍ବା ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ମିଳିନାହିଁ । କାପୁରାଙ୍କର ପିତା ସିଦ ମାର୍ଣ୍ଡିଙ୍କର ଆଜକୁ ପ୍ରାୟ ୨୫ ବର୍ଷ ପୁର୍ବେ ଦେହାନ୍ତ ହୋଇଯାଇଛି । କାପୁରା ଅବିବାହିତ ଥିବାରୁ ବର୍ତମାନ ତାଙ୍କର ପରିବାରର ଆଉ କେହି ନାହାଁନ୍ତି । ସେ ଏକାକି ଦିନ ବିତାଉଛନ୍ତି । କାପୁରାଙ୍କୁ ବର୍ତମାନ ବୟସ ୬୫ ବର୍ଷ ଛୁଇଁଲା । ସରକାର ଅବିବାହିତଙ୍କ ପାଇଁ ଭତା ଘୋଷଣା କରିଛନ୍ତି । ଅଥଚ କାପୁରାଙ୍କ ପରି ୬୫ ବର୍ଷ ବୟସ୍କ ଅବିବାହିତ ବୃଦ୍ଧା ମଧ୍ୟ ଭତା ପାଇବାରୁ ବଂଚିତ ଅଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଲୋଗ୍ରାମ ଚାଉଳ ମଧ୍ୟ କାପୁରା ପାଉନାହାଁନ୍ତି । ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ମଧ୍ୟ ସେ ପାଇପାରି ନାହାଁନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହିଭଳି ଜଣେ ଗରିବ ବୃଦ୍ଧାଙ୍କ ପାଇଁ ଭତା ଓ ଚାଉଳ ଖୁବ୍ ଜରୁରୀ ହୋଇ ପଡ଼ିଛି । ଏଥିପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ପାଇପାରି ନଥିବାର କଥା ଜଣାଇଛନ୍ତି । ତାଙ୍କର ଆଧାର କାର୍ଡ଼ ଓ ଭୋଟ ପରିଚୟପତ୍ର ସବୁକିଛି ଠିକ୍ ଥିବା ସ୍ୱତେ ସେ ଏ ସବୁଥିରୁ କାହିଁକି ବଂଚିତ ଅଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା

ଖୋର୍ଦ୍ଧା, ୦୬/୦୭ (ନି.ପ୍ର): ଜିଲ୍ଲାପାଳ ଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି.ଏହି କର୍ମଶାଳା ରେ ଡିଭିଜନାଲ ଲେବର କମିଶନର ପ୍ରଣବ କୁମାର ପାତ୍ର ପ୍ରାରମ୍ଭିକ ଭାଷଣ ଓ ସ୍ୱାଗତ କରିଥିବା ବେଳେ, ଏନ. ମିଶାଲ ଅତିରିକ୍ତ ଲେବର କମିଶନର, ଭୁବନେଶ୍ୱର ସଂକ୍ଷେପରେ କାର୍ଯ୍ୟକ୍ରମ ଉପରେ ବାର୍ତ୍ତା ରଖିଥିଲେ । ଏହି କର୍ମଶାଳା ରେ ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ ରେ କି ପଦକ୍ଷେପ ନିଆଯାଇ ପାରିବ ସେ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ୧୪ ବର୍ଷ ରୁ କମ ବୟସ ର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ. ବିଶେଷ କରି ଢ଼ାବା, ଗ୍ୟାରେଜ, ବସ ଷ୍ଟାଣ୍ଡ, ରେଳ ଷ୍ଟେସନ, ଆପାର୍ଟମେଣ୍ଟ, ମହଲମାନଙ୍କରେ ନିଯୁକ୍ତ ଶିଶୁ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇ ଥାନ ଉପରେ ଆଲୋକପାତ କରାଯାଇଥିଲା, ଏହାର ସଚେତନତା ପାଇଁ ହୋର୍ଡିଙ୍ଗ ମରାଯାଇ ଏବଂ ସେସବୁ ସ୍ଥାନରେ **random attack** କରାଯାଇ ଶିଶୁମାନଙ୍କୁ ଉଦ୍ଧାର ଏବଂ ଥଇଥାନ ର ବ୍ୟବସ୍ଥା ଉପରେ ଗୁରତ୍ୱ ଦିଆ ଯାଇଥିଲା । ସେହିପରି ୧୫ବର୍ଷରୁ ୧୮ ବର୍ଷ ମଧ୍ୟ ରେ କିଶୋର ଙ୍କୁ ବିପଦ ଶଂକୁଳ କାମରେ ନିୟୋଜନକୁ ବାରଣ କରାଯାଇଛି । ସେମାନେ ଏକ ସାଙ୍ଗରେ ୩ଘଣ୍ଟା ରୁ ଉର୍ଦ୍ଧ୍ୱ ସମୟ ଧରି କାମ କରି ପାରିବେ ନାହିଁ । ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏଁ ଜୋରିମାନା ଦେବାକୁ, ଏବଂ କାର୍ଯ୍ୟରେ ନିୟୋଜନ କରୁଥିବା ଲୋକଙ୍କୁ ୨ ବର୍ଷ ଯାଏଁ କାରାଦଣ୍ଡରେ ଦଣ୍ଡିତ କରାଯିବା ର ବ୍ୟବସ୍ଥା ରହିଛି । ଏଭଳି କି ଭୁଲ ଦ୍ୱିତୀୟ ଥର ହେଲେ ୩ ବର୍ଷ ଯାଏଁ କାରାଦଣ୍ଡ ର ବ୍ୟବସ୍ଥା ରହିଛି । ଏସବୁକୁ ରୋକିବାକୁ ହେଲେ ସମସ୍ତ ବିଭାଗ, ଏନ. ଜି. ଓ., ପୋଲିସ ବିଭାଗ ର ସକ୍ରିୟ ଭୂମିକା ରହିଛି । ଏହି ବିଷୟରେ ଜାଣିଥିବ ବ୍ୟକ୍ତି ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ